ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୧ ମେ, ୨୦୧୯



# ଫନୀ ଯୋଗୁ ଶତାଧିକ ଏକର ଫସଲ ନଷ୍ଟ

**ଆଳି, ୧୦।୫ (ଡି.ଏନ୍.ଏ.)**

ଓଡ଼ିଶାରେ ତାଣ୍ଡବ ରଚିଥିବା ଫନୀ ବାତ୍ୟାକୁ ଇତିମଧ୍ୟରେ ସପ୍ତାହେ ବିତିଛି। ମାତ୍ର ଏହା ପ୍ରଭାବରେ ହୋଇଥିବା କ୍ଷୟକ୍ଷତିର ଭରଣା କରିବାକୁ ବର୍ଷ ବର୍ଷ ଲାଗିଯିବ। ଏହା ପ୍ରଭାବରେ ଆଳି ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବ୍ଲକ ଅଞ୍ଚଳରେ ଚାଷ କରାଯାଇଥିବା ହଜାର ହଜାର ହେକ୍ଟର ବିରି, ମୁଗ, ବାଦାମ ଆଦି ଫସଲ ଉଜୁଡ଼ି ଯାଇଛି। ଏହା ଏବେ ଚାଷୀମାନଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ କୋଳିଡିହ ପଞ୍ଚାୟତର ଶତାଧିକ ଚାଷୀ କେନ୍ଦ୍ରାପଡା ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଛନ୍ତି।

ଅଭିଯୋଗ ଅନୁସାରେ, ଉକ୍ତ ଅଞ୍ଚଳର ଅଧିକାଂଶ ଲୋକ ଚାଷ ଉପରେ ନିର୍ଭରଶୀଳ। ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଧାର କରଜ ସାଙ୍ଗକୁ ରଣ କରି ଚାଷ ଏକାଧିକ ଏକର ଜମିରେ ଧାନ, ମୁଗ, ବିରି, ବାଦାମ ଆଦି ଚଷ କରିଥିଲେ। ମାତ୍ର ବାତ୍ୟା ଯୋଗୁ ବିଲରେ ଶୁଖିଥିବା ମୁଗ, ବିରି ଏବେ ଗଜା



ଉଜୁଡ଼ା କ୍ଷେତରେ କ୍ଷତିଗ୍ରସ୍ତ ଚାଷୀ।

ହୋଇଗଲାଣି। ଅନେକ ଚାଷୀ ବାତ୍ୟା ଆଶଙ୍କାରେ ମୁଗ ଓପାଡ଼ି ଦେଇଥିଲେ ମଧ୍ୟ ଘରକୁ ଆଣି ଆଣିପାରି ନ ଥିଲେ। ଫଳରେ ବିଲରେ ମୁଗ ଗଜ ହେବା ସହ କେତେକ ସ୍ଥାନରେ ପଚି ଗଲାଣି। ପରିବାର ପ୍ରତିପୋଷଣ ଚାଷୀଙ୍କ ଚିନ୍ତା ବଢ଼ାଇଥିବା ବେଳେ ରଣ ଶୁଝିବା ଚାଷୀଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ବାତ୍ୟାରେ କୋଳିଡିହ ପଞ୍ଚାୟତର କୋଳିଡିହ, ଚନ୍ଦନନଗର,

**ଚାଷୀ ମୁଣ୍ଡରେ ଚଡ଼କ**

ବିଜୟନଗର, ଦିନିଆରି, ତଅଁଳାଡିହା, ଜାମୁଦଣ୍ଡା ଓ ଇଚ୍ଛାପୁର ସମେତ ମହୁ, ଅଟାଳ, ମାଣିକପାଟଣା, ନରେନ୍ଦ୍ରପୁର, ପତ୍ରପୁର, ଭୂଇଁପୁର, ଡିମିରିପାଳ ଆଦି ପଞ୍ଚାୟତରେ ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହୋଇଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ କୋଳିଡିହ ପଞ୍ଚାୟତର ଉମେଶ ଚନ୍ଦ୍ର ପାତ୍ର, ମାନଗୋବିନ୍ଦ ବେହେରା, ପରମାନନ୍ଦ ସାମଲ, ଦଶରଥ ପ୍ରଧାନ, ବନମାଳୀ ମହାନ୍ତି, ବିରକିଶୋର ପାଣ୍ଡବ, ସୁଦର୍ଶନ ଧଳ, ଅଜୟ କୁମାର ରାଉତ, ଗୟାଧର ରାଉତ, ସର୍ବେଶ୍ୱର ବେହେରାଙ୍କ ସମେତ ଶତାଧିକ ଚାଷୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ପାନବରଜ ଉଜାଡ଼ିଲା ଫନୀ

**ଡେରାବିଶ, ୧୦।୫ (ସ୍ୱ.ପ୍ର.)**

ବାତ୍ୟା ଫନୀ ପ୍ରଭାବରେ ବହୁ କ୍ଷୟକ୍ଷତି ଘଟିଥିବା ବେଳେ ବହୁ ଚାଷ କ୍ଷେତ ଉଜୁଡ଼ି ଯାଇଛି। ଏଥିସହ ଡେରାବିଶ ବ୍ଲକ ଅଞ୍ଚଳରେ ଚାଷ ଜମି ସହ ୫ ଏକରରୁ ଊର୍ଦ୍ଧ୍ୱ ପାନ ବରଜ ଭାଙ୍ଗି ପଡିଛି। ଡେରାବିଶ ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତ ତିଲଙ୍ଗ ଗ୍ରାମର କେତେଜଣ ଚାଷୀ ବ୍ୟାଙ୍କରୁ ରଣ ଓ ହାତ ଉଧାରୀ ଆଣି ପାନ ବରଜ କରିଥିଲେ। ଏହି ରୋଜଗାରରେ ପରିବାର ପ୍ରତିପୋଷଣ ହେଉଥିବା ବେଳେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଛି ବାତ୍ୟା ଫନୀ। ଏବେ ସେହି ଭଙ୍ଗା ବରଜ ତଳେ ପଶି ପାନ ସଂଗ୍ରହ କରୁଛନ୍ତି କ୍ଷତିଗ୍ରସ୍ତ ଚାଷୀ। ସବୁ ପାନ ମାଟିରେ ପଡ଼ି ନଷ୍ଟ ହୋଇ ଯାଇଥିବା ବେଳେ ଲକ୍ଷ ଲକ୍ଷ ଟଙ୍କା ପାନ ବଜର ଆଖି ଆଗରେ ଉଜୁଡ଼ି ଯିବା ଦେଖି ଦୁଃଖରେ ଭାଙ୍ଗି ପଡ଼ିଛନ୍ତି ଚାଷୀ। ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଯୋଗାଇ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ପାନ ବରଜ ଉଜୁଡ଼ି ଯିବା ଫଳରେ କରଜ ଟଙ୍କା କେମିତି ଶୁଝିବୁ ସେ ନେଇ ଏନେ ଚିନ୍ତା ଘରିଛି ବୋଲି ତିଲଙ୍ଗର ଚାଷୀ ମନୋରଞ୍ଜନ ଦାସ କହିଛନ୍ତି। ରଣ ଶୁଝିବା ସହ ପରିବାର ପ୍ରତିପୋଷଣ ଚିନ୍ତା ନିଦ ହଜାଇ ଦେଇଛି ବୋଲି କହିଛନ୍ତି ତିଲଙ୍ଗର ଚିତ୍ତ ରଞ୍ଜନ ଦାସ, ଅନନ୍ତ କିଶୋର ଦାସ ଓ ନୃସିଂହ ଚରଣ ଦାସ। ଏଥିସହ ଚାଷୀଙ୍କୁସହାୟତା ଯୋଗାଇ ଦେବାକୁ ପ୍ରଶାସନିକସ୍ତରରେ ଉଦ୍ୟମ ହେବା ଆବଶ୍ୟକ ବୋଲି ସେମାନେ କହିଛନ୍ତି।



ଭଙ୍ଗା ପାନ ବରଜ ତଳେ ଜଣେ ଚାଷୀ ପାନ ସଂଗ୍ରହ କରୁଛନ୍ତି।

## ସଂକ୍ଷେପରେ

### ଆଇସିଏସ୍ଇରେ ଅମୃତ ମୋହନ ଜିଲା ଟପ୍ପର



**କେନ୍ଦ୍ରାପଡା ଅଫିସ, ୧୦।୫:** ଗତ ୭ ତାରିଖରେ ଆଇସିଏସଇ (ଇଣ୍ଡିଆନ ସାର୍ଟିଫିକେଟ ଅଫ ସେକେଣ୍ଡାରୀ ଏଡୁକେସନ)ର ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ କେନ୍ଦ୍ରାପଡ଼ା ସେଣ୍ଟ ଯୋଶେଫ ସ୍କୁଲ ଛାତ୍ର ଅମୃତ ମୋହନ ଜିଲା ଟପ୍ପର ହୋଇଛନ୍ତି। ମହାକାଳପଡା ବ୍ଲକ ରାଜଗଡ ପଞ୍ଚାୟତ ଗୟାଶପୁର ଗ୍ରାମର ଅମ୍ବୁଜ ରାଉତଙ୍କ ପୁତ୍ର ଅମୃତ ମୋହନ ୯୭.୩୩ ପ୍ରତିଶତ ନମ୍ବର ରଖିଛନ୍ତି। ଅମୃତମୋହନଙ୍କୁ ତାଙ୍କ କୃତିତ୍ୱ ପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ସମେତ ବନ୍ଧୁବାନ୍ଧବ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ, ଏହି ପରୀକ୍ଷାରେ ସ୍କୁଲର ୯୧ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦ଜଣ ୯୦ ପ୍ରତିଶତ, ୨୭ଜଣ ୮୦ ପ୍ରତିଶତ ନମ୍ବର ରଖି କୃତିତ୍ୱ ହାସଲ କରିଛନ୍ତି।

### ନୂତନ ଜିଲାପାଳଙ୍କ ରିଲିଫ କାର୍ଯ୍ୟ ତଦାରଖ

**ମାର୍ଶାଘାଇ,୧୦।୫(ଡ଼ିଏନ୍ଏ):** କେନ୍ଦ୍ରାପଡା ନୂତନ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଗୁରୁବାର ଅପରାହ୍ଣରେ ଅଚାନକ ମାର୍ଶାଘାଇ ବ୍ଲକ କାର୍ଯ୍ୟାଳୟ ପରିଦର୍ଶନ କରି ରିଲିଫ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ବିଡିଓ ସୁବାଦାର ପ୍ରଧାନଙ୍କ ସମେତ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବାତ୍ୟା ବିପନ୍ନଙ୍କ ନିକଟରେ ତୁରନ୍ତ ରିଲିଫ ସାମଗ୍ରୀ ଓ ଆର୍ଥିକ ସହାୟତା ପହଞ୍ଚାଇବା ଉପରେ ଜିଲାପାଳ ଚୌଧୁରୀ ଗୁରୁତ୍ୱାରୋପ କରିଥିଲେ।

### ରଶି ଲଗାଇ ଯୁବତୀଙ୍କ ଆତ୍ମହତ୍ୟା

**ମାର୍ଶାଘାଇ,୧୦।୫(ଡ଼ିଏନ୍ଏ):** ମାର୍ଶାଘାଇ ଜୁଣ ଗ୍ରାମର ମନୋରଞ୍ଜନ ଦାସଙ୍କ ଝିଅ ସୁଶ୍ରୀ ସୋନାଲି ଦାସ(୧୮)ଗୁରୁବାର ଆତ୍ମହତ୍ୟା କରିଛନ୍ତି। ମଧ୍ୟାହ୍ନରେ ସେ ନିଜ ଘରର ଶୌଚାଳୟରେ ପଶି ବେକରେ ରଶି ଲଗାଇ ଦେଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ମାର୍ଶାଘାଇ ଥାନାରେ ୫/୧୯ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ କାଳନ୍ଦୀ ବେହେରା ସୂଚନା ଦେଇଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ଫନୀ ବିପନ୍ନଙ୍କ ପାଇଁ ମାର୍ଶାଘାଇ ପୋଲିସର ସହାୟତା

**ମାର୍ଶାଘାଇ,୧୦।୫(ଡିଏନଏ) :** ବାତ୍ୟା ଫନୀ ପ୍ରଭାବରେ ଅଧିକ ପ୍ରଭାବିତ ହୋଇଥିବା ପୁରୀ ଜିଲାର ବିପନ୍ନ ଲୋକଙ୍କ ପାଇଁ ମାର୍ଶାଘାଇ ପୋଲିସ ତରଫରୁ ବିଭିନ୍ନ ଖାଦ୍ୟ ସାମଗ୍ରୀ ଭର୍ତ୍ତି ଏକ ଗାଡ଼ି ଗୁରୁବାର ପଠାଯାଇଛି। ଆମ ପୋଲିସ ତରଫରୁ କରୁଣା ଯୋଜନାରେ ବିପନ୍ନଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତିରେ ଏହିସବୁ ଖାଦ୍ୟ ସାମଗ୍ରୀ ବ୍ୟବହାର କରାଯିବ। ବାତ୍ୟା ବିପନ୍ନଙ୍କ ପାଇଁ ୮ କୁଇଣ୍ଟାଲ ଚାଉଳ ,୫ କୁଇଣ୍ଟାଲ ଡାଲି ,୯ କୁଇଣ୍ଟାଲ ଆଳୁ,୧ କୁଇଣ୍ଟାଲ ପିଆଜ, ରନ୍ଧନ ତେଲ ସହିତ ବିଭିନ୍ନ ପନିପରିବା ଦିଆଯାଇଥିବା ଥାନା ସୂତ୍ରରୁ ପ୍ରକାଶ।

### ନଦୀକୁ ଡେଇଁ ନିଖୋଜ ଥିବା ଯୁବକଙ୍କ ମୃତଦେହ ଉଦ୍ଧାର

**ମାର୍ଶାଘାଇ,୧୦।୫(ଡ଼ିଏନ୍ଏ) :** ମାର୍ଶାଘାଇ ଥାନା ଅନ୍ତର୍ଗତ ଆଶ୍ରମ ବାଲିକୁଦା ସେତୁରୁ ଲୁଣାନଦୀକୁ ଡେଇଁ ନିଖୋଜ ଥିବା ବଡ଼ପାଳ ଗ୍ରାମର ରଞ୍ଜନ ମଲ୍ଲିକ(୫୧)ଙ୍କ ମୃତଦେହ ଶୁକ୍ରବାର ସେତୁ ପାଖ ପିଲାର ନିକଟରୁ ଉଦ୍ଧାର ହୋଇଛି। ଏ ନେଇ ପୋଲିସ ୬/୧୯ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ସୂଚନାଯୋଗ୍ୟ,ଗୁରୁବାର ଅପରାହ୍ଣରେ କୌଣସି କାରଣରୁ ରଞ୍ଜନ ନଦୀକୁ ଡେଇଁ ପଡିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନଦୀର ଉଭୟ ପାର୍ଶ୍ୱରେ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତ୍ତା ମିଳି ନ ଥିଲା।

# ରିଲିଫ ପାଇଁ ବିପନ୍ନଙ୍କ ଲମ୍ବା ଧାଡ଼ି

## ■ ପ୍ରଚଣ୍ଡ ଖରାରେ ଚେତା ହରାଇଲେ ମହିଳା



ପଟ୍ଟାମୁଣ୍ଡାଇ ବ୍ଲକ ଖଡିଅଣ୍ଟା ସ୍କୁଲରେ ହୋଇଥିବା ରିଲିଫ ବଣ୍ଟନ କେନ୍ଦ୍ରରେ ମହିଳାଙ୍କ ଲମ୍ବା ଧାଡି।

**ପଟ୍ଟାମୁଣ୍ଡାଇ, ୧୦।୫ (ସ୍ୱ.ପ୍ର.)**

ବାତ୍ୟା ବିପନ୍ନଙ୍କ ପାଇଁ ରାଜ୍ୟ ସରକାର ୩ ଦିନ ରିଲିଫ ଘୋଷଣା କରିଥିଲେ । ଏହାଛଡା ପ୍ରତି ରାଶନ କାର୍ଡଧାରୀ ସଦସ୍ୟଙ୍କ ପିଛା ୫ କିଲୋ ଚାଉଳ ସହିତ କାର୍ଡଧାରୀଙ୍କୁ ୫ଶହ ଟଙ୍କା ପ୍ରଦାନ କରାଯିବ । ଏହି ପରିପ୍ରେକ୍ଷୀରେ ଗୁରୁବାର ଠାରୁ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଗ୍ରାମରେ ରିଲିଫ ବଣ୍ଟନ ଆରମ୍ଭ ହୋଇଛି । ଖଡିଅଣ୍ଟା ସ୍କୁଲରେ ଗୁରୁବାର ରିଲିଫ ନେବା ପାଇଁ ବିପନ୍ନମାନେ ପ୍ରଚଣ୍ଡ ଖରାରେ ଧାଡି ବାନ୍ଧି ଠିଆ ହୋଇଥିଲେ । ବହୁ ସମୟ ଧରି ଠିଆ ହୋଇ ରହିବା ଫଳରେ କେତେଜଣ ମହିଳା ଖରା ସହି ନ ପାଇ ମୁଣ୍ଡରେ ପାଣି ଢାଳୁଥିବା ଦେଖିବାକୁ ମିଳିଥିଲା । ଖରା ସହି ନ ପାରି ଖଡିଅଣ୍ଟା ଗ୍ରାମର ସୁଲୋଚନା ମଲ୍ଲିକ(୪୫) ନାମକ ଜଣେ ମହିଳା ବେହୋସ ହୋଇ ତଳେ ପଡି ଯାଇଥିଲେ । ସେଠାରେ ଥିବା ଲୋକେ ତାଙ୍କ ମୁଣ୍ଡରେ ପାଣି ଢାଳି ଚେତା ଫେରାଇଥିଲେ । ପ୍ରଚଣ୍ଡ ଖରାରେ ରିଲିଫ ବଣ୍ଟନ କରିବା କେତେ ସୁରକ୍ଷିତ ସେଥିପ୍ରତି ବ୍ଲକ ପ୍ରଶାସନ କିମ୍ବା ରିଲିଫ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀମାନେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ବିଦ୍ୟୁତ୍ ସଂଯୋଗ ଦାବିରେ ଏନଜେନ୍ କାର୍ଯ୍ୟାଳୟ ଘେରାଉ

**ମାର୍ଶାଘାଇ,୧୦।୫(ଡିଏନ୍ଏ)**

ବାତ୍ୟା ଫନୀ ଯିବାର ୭ ଦିନ ପରେ ମଧ ମାର୍ଶାଘାଇ ବ୍ଲକ କୁହୁଡି ପଞ୍ଚାୟତ ଥାଉରୀ ଗ୍ରାମର ହରିଜନ ସାହିରେ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇ ପାରିନାହିଁ । ଫଳରେ ଜନସାଧାରଣ ବିଦ୍ୟୁତ୍ ନ ଥିବାରୁ ହନ୍ତସନ୍ତ ହେଉଛନ୍ତି । ଗୁରୁବାର ଶତାଧିକ ମହିଳା ଓ ପୁରୁଷ ତୁରନ୍ତ ବିଦ୍ୟୁତ୍ ସଂଯୋଗ କରିବା ଦାବି ନେଇ ମାର୍ଶାଘାଇର ଶିଳିପୁରସ୍ଥିତ ଏନଜେନ୍ କାର୍ଯ୍ୟାଳୟ ଘେରାଉ କରିଥିଲେ । ପରେ ବିଭାଗୀୟ କର୍ମଚାରୀଙ୍କ ତରଫରୁ ଶୁକ୍ରବାର ବିଦ୍ୟୁତ୍ ସଂଯୋଗ କରାଯିବ ବୋଲି ପ୍ରତିଶ୍ରୁତି ମିଳିବାରୁ ଉପଭୋକ୍ତା ମାନେ ଘେରାଉରୁ ଓହରି ଯାଇଥିଲେ । ଅରୁଣ ମଲିକ, ଦିବାକର ଯେନା, ଲକ୍ଷ୍ମୀପ୍ରିୟା ଯେନା, ପ୍ରେମଲତା ଯେନା, ପଦ୍ମାବତୀ ଯେନା, ଗୋରୀ ଯେନା, ସୁକାନ୍ତି ଯେନା, ପ୍ରଫୁଲ୍ଲ ଯେନା ପ୍ରମୁଖ ଘେରାଉରେ ସାମିଲ ହୋଇଥିଲେ । ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ହୋଇ ପାରିନାହିଁ।

# କୁମ୍ଭୀର ଆକ୍ରମଣରେ ବଳଦ ମୃତ

**ରାଜନଗର, ୧୦।୫ (ଡିଏନଏ)**

ଶୁକ୍ରବାର ଆଳି ବ୍ଲକ ଅନ୍ତର୍ଗତ ନଳପାହି ଗାଁର ଜାନକୀ ବେହେରାଙ୍କ ବଳଦକୁ କୁମ୍ଭୀର ନଈ ମଧ୍ୟକୁ ଟାଣି ନେଇ ମାରି ଦେଇଛି। ଗାଁ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳରେ ୮-୧୦ଟି ବଦଳ ଚରୁଥିଲେ। ହଠାତ ଏକ କୁମ୍ଭୀର ନଈ କୂଳରେ ଚରୁଥିବା ଜାନକୀଙ୍କ ବଦଳକୁ ଝାମ୍ପ ମାରି ନଦୀ ମଧ୍ୟକୁ ଟାଣି ନେଇଥିଲା। କିଛି ସମୟ ପରେ ନଦୀ ମଧ୍ୟରୁ ମୃତ ଅବସ୍ଥାରେ ବଳଦକୁ ଉଦ୍ଧାର କରାଯାଇଥିଲା।

# ଦୁର୍ଘଟଣାରେ ଯୁବକ ମୃତ

**ମାର୍ଶାଘାଇ,୧୦।୫ (ଡିଏନଏ)**

୫ ନଂ (କ) ଜାତୀୟ ରାଜପଥର ମାର୍ଶାଘାଇ କେନାଲ ବ୍ରିଜ ନିକଟ ଗୋସେଇଁବନ୍ଧ ବାଇପାସ ନିକଟରେ ଶୁକ୍ରବାର ମଧ୍ୟାହ୍ନରେ ଏକ ସଡକ ଦୁର୍ଘଟଣାରେ ଜ୍ୟୋତିରଞ୍ଜନ ରାଉତ ଓରଫ ବବି (୩୮)ଙ୍କର ମୃତ୍ୟୁ ଘଟିଛି । ସେ ଦହିମାଛ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବନମାଳୀ ରାଉତଙ୍କ ମଝିଆଁ ପୁଅ।

ପ୍ରକାଶ ଯେ, ବବି ମାର୍ଶାଘାଇ ବଜାରରୁ କାର୍ଯ୍ୟ ସାରି ନିଜର ସ୍କୁଟି ଯୋଗେ କେନାଲ ବ୍ରିଜ ନିକଟରେ ଜାତୀୟ ରାଜପଥକୁ ଉଠୁଥିବା ସମୟରେ ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା । ଫଳରେ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ମାର୍ଶାଘାଇ ଦମକଳ କେନ୍ଦ୍ରର କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମାର୍ଶାଘାଇ ଥାନା ପୋଲିସ ୧୦୬/୧୯ ନଂରେ ମାମଲା ରୁଜୁ କରିବା ସହିତ ଶବ ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବବି ସାଇନାଥ କଳା ପରିଷଦର ଜଣେ ନିୟମିତ ଗାୟକ ଥିଲେ।

# ଜିଲାପାଳଙ୍କ ଅଚାନକ ରାଜନଗର ଗସ୍ତ

**ରାଜନଗର, ୧୦।୫(ଡିଏନଏ)**

କେନ୍ଦ୍ରାପଡା ନୂତନ ଜିଲାପାଳ ପ୍ରେମଚାନ୍ଦ ଚୌଧୁରୀ ଶୁକ୍ରବାର ସକାଳ ସାଢେ ୯ଟାରେ ରାଜନଗର ବ୍ଲକ କାର୍ଯ୍ୟାଳୟକୁ ଅଚାନକ ଗସ୍ତ କରିଥିଲେ। ଏହି ସମୟରେ ରାଜନଗର ବିଡିଓ ମନ୍ଦରଧର ମହାଲିକ, ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସଙ୍କ ସହିତ ଆଲୋଚନା କରି ରାଜନଗର ବ୍ଲକର ୨୯ଟି ପଞ୍ଚାୟତରେ ଫନୀର ପ୍ରଭାବରେ କି ପ୍ରକାର କ୍ଷୟକ୍ଷତି ହୋଇଛି, ତାର ରିପୋର୍ଟ ମାଗିଥିଲେ। ଏହାଛଡା ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ୩ ଦିନର ରିଲିଫ ବିପନ୍ନ ଲୋକଙ୍କ ପାଖରେ ଠିକଣା ସମୟରେ ପହଞ୍ଚି ପାରିଛି କି ନାହିଁ, ଉଭୟ ବିଡିଓ ଏବଂ ତହସିଲଦାରଙ୍କୁ ପଚାରିଥିଲେ। ଅପରପକ୍ଷରେ ଖାଦ୍ୟ ସୁରକ୍ଷା ଆଇନ ଅନ୍ତର୍ଗତ ପରିବାରର ସଦସ୍ୟ ପିଛା ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ୫ କେଜି ଚାଉଳ ଏବଂ କାର୍ଡ ପିଛା ୫ଶହ ଟଙ୍କା ଯେପରି ସବୁ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ ତାହା ସୁନିଶ୍ଚିତ କରିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଫନୀ ପ୍ରଭାବରେ ରାଜନଗର ବ୍ଲକର ରାସ୍ତାଘାଟ, ସ୍କୁଲ, ଅଙ୍ଗନୱାଡି ଘର ସହିତ ସରକାରୀ କାର୍ଯ୍ୟାଳୟର ହୋଇଥିବା କ୍ଷୟକ୍ଷତି ନେଇ ବୃତାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଜିଲାପାଳ ରାଜନଗର ସିଡିପିଓ ପୁଷ୍ପଲତା ଦାସଙ୍କୁ ବ୍ଲକ କାର୍ଯ୍ୟାଳୟକୁ ଡକାଇ ଅଙ୍ଗନୱାଡି କେନ୍ଦ୍ରଗୁଡିକର ସ୍ଥିତି ସଂପର୍କରେ ପଚାରି ବୁଝିଥିଲେ। କେନ୍ଦ୍ରାପଡା ନୂତନ ଜିଲାପାଳଙ୍କ ଅଚାନକ ଗସ୍ତ ପରେ କର୍ମଚାରୀ ମହଲରେ କୋକୁଆ ଭୟ ସୃଷ୍ଟି ହୋଇଛି।

## ବାତ୍ୟା ପ୍ରଭାବିତଙ୍କୁ ସହଯୋଗ କରୁଛି କେନ୍ଦ୍ରାପଡ଼ା ପୋଲିସ

**କେନ୍ଦ୍ରାପଡା ଅଫିସ, ୧୦।୫**

ବାତ୍ୟା ଫନୀ ଯୋଗୁ ପୁରୀର ବହୁ ଅଞ୍ଚଳ କ୍ଷତିଗ୍ରସ୍ତ ହୋଥଥିବା ବେଳେ ଲକ୍ଷାଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ପୋଲିସର ଏକ ଟିମ୍ ଗୁରୁବାର ପୁରୀରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ସହଯୋଗ କରୁଛନ୍ତି। ଜିଲା ଏସପି ନୀତିଶେଖରଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜିଲାରୁ ରାଶନ ସାମଗ୍ରୀ, ଲୁଗା ଓ ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ କରାଯାଇଥିଲା। ଏହି ସାମଗ୍ରୀକୁ ପଟ୍ଟାମୁଣ୍ଡାଇ ଏସ୍ଡିପିଓ ଓ ଜିଲାର ୫ ଥାନା ଅଧିକାରୀ ପୁରୀରେ ବାତ୍ୟା ପ୍ରଭାବିତଙ୍କୁ ଏହି ସାମଗ୍ରୀ ବଣ୍ଟନ କରିବା ସହ ବସ୍ତିବାସିନ୍ଦାଙ୍କ ଗୃହ ନିର୍ମାଣ କାର୍ଯ୍ୟରେ ସହଯୋଗ କରିଛନ୍ତି।

# ବାତ୍ୟା ପ୍ରଭାବିତ ଅଞ୍ଚଳରେ ଯାତ୍ରା ପରିବେଷଣ

**କେନ୍ଦ୍ରାପଡା ଅଫିସ, ୧୦।୫**

ଫନୀ ପ୍ରଭାବରେ କେନ୍ଦ୍ରାପଡ଼ା ଜିଲା କ୍ଷତିଗ୍ରସ୍ତ ହୋଇଛି। ଏଥିଯୋଗୁ ଜିଲାରେ ଅଦ୍ୟାବଧି ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାର ସମାଧାନ ହୋଇ ପାରିନାହିଁ। ଏଥିସହ ବାତ୍ୟାରେ ଜିଲାର ବିଭିନ୍ନ ବ୍ଲକର ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ବହୁ ଲୋକଙ୍କ ଘର ଭାଙ୍ଗିଛି। ଏପରିସ୍ଥଳରେ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ପାଇଁ ଗରଦପୁର ବ୍ଲକ ଅଧୀନ ବେଡାରୀଠାରେ ଏକ ଯାତ୍ରାପାର୍ଟି ପକ୍ଷରୁ ଯାତ୍ରା ଅନୁଷ୍ଠିତ ହେଉଛି। ବାତ୍ୟା ପ୍ରଭାବିତ ଅଞ୍ଚଳରେ ମନୋରଞ୍ଜନ ପାଇଁ ଯାତ୍ରା କମିଟିକୁ କିପରି ଅନୁମତି ଦିଆଗଲା ବୋଲି ଅଭିଯୋଗ ଆଣିଛି ଓସା (ଓଡିଶା ସୂଚନା ଅଧିକାର ଅଭିଯାନ)। ଏ ନେଇ ଓସା ପକ୍ଷରୁ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଶୁକ୍ରବାର ପ୍ରଦାନ କରାଯାଇଛି। ଜିଲାପାଳ ପ୍ରେମଚାନ୍ଦ

**ଅଭିଯୋଗ ଆଣିଲା ଓସା**



ଜିଲାପାଳଙ୍କୁ ଓସା ପକ୍ଷରୁ ଅଭିଯୋଗପତ୍ର ପ୍ରଦାନ କରାଯାଉଛି।

ଚୌଧୁରୀ ଏ ସମ୍ପର୍କରେ ଅନୁଧ୍ୟାନ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅଭିଯୋଗ ପତ୍ର ପ୍ରଦାନ ସମୟରେ ଓସାର ଜିଲା ଆବହାକ ରଞ୍ଜନ କୁମାର ଦାସ, ପ୍ରମୋଦ କୁମାର ସ୍ୱାଇଁ, ମୃତ୍ୟୁଞ୍ଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ନବବଧୂଙ୍କୁ ଶାଶୁଘରେ ହତ୍ୟା ଅଭିଯୋଗ

**ମହାକାଳପଡା, ୧୦।୫ (ଡି.ଏନ୍.ଏ.)**

ଜମ୍ବୁ ମେରାଇନ ଥାନା ଅଧୀନ ବଉଳକଣୀ ଗ୍ରାମର ଶିବ ମିର୍ଦ୍ଧାଙ୍କ ବୋହୂ ବନ୍ଦନାଙ୍କୁ ଶାଶୁଘର ଲୋକେ ହତ୍ୟା କରିଥିବା ନେଇ ତାଙ୍କ ବାପା ଖରିନାସୀ ପଞ୍ଚାୟତ ହରିଆବାଙ୍କ ଗ୍ରାମର ଚିତ୍ତରଞ୍ଜନ ମଣ୍ଡଳ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ବନ୍ଦନା ଶିବ ମିର୍ଦ୍ଧାଙ୍କ ପୁଅ ଭୋଲାଙ୍କୁ ୨୦୧୮ ଜୁନ୍‌ରେ ବୈଦିକ ରୀତିରେ ବିବାହ କରିଥିଲେ। ବାହାଘର ବେଳେ ଶାଶୁଘର ଲୋକଙ୍କ ଦାବି ଅନୁସାରେ ସମସ୍ତ ଜିନିଷ ଦିଆଯାଇଥିଲା। ମାତ୍ର ବାହାଘରର କିଛିଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁଘର ଲୋକେ ବନ୍ଦନାଙ୍କୁ ନିର୍ଯାତନା ଦେଉଥିଲେ। ବହୁବାର ଆପୋଷ ସମାଧାନ କରାଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ପୁଣି କଳି ଝଗଡ଼ା ହେଉଥିଲା। ତେବେ ଶୁକ୍ରବାର ଶାଶୁଘର ଲୋକେ ବନ୍ଦନାଙ୍କୁ ହତ୍ୟା କରିବା ପରେ ତାଙ୍କ ବେକରେ ଏକ ଲୁଗା ବାନ୍ଧି ଫ୍ୟାନରେ ଟାଙ୍ଗି ଦେଇଥିଲ। ଖବରପାଇ ବନ୍ଦନାଙ୍କ ବାପଘର ଲୋକେ ତାଙ୍କ ଶାଶୁଘରେ ପହଞ୍ଚିଥିଲେ। ଏ ନେଇ ଚିତ୍ତରଞ୍ଜନ ଥାନାରେ ଅଭିଯୋଗ କରିଥିବା ବେଳେ ପୋଲିସ ୪୦/୧୯ ନଂ.ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଥାନାରେ ଅଭିଯୋଗ ହେବା ପରେ ବନ୍ଦନାଙ୍କ ସ୍ୱାମୀ ଭୋଳା ଫେରାର ଥିବା ଜଣାପଡ଼ିଛି।

# ୩ ପ୍ରମୁଖ ଦଳର ଜୋରଦାର ପ୍ରଚାର

**ଡେରାବିଶ, ୧୦।୫ (ସ୍ୱ.ପ୍ର.)**

**ପାଟକୁରା ନିର୍ବାଚନମଣ୍ଡଳୀ**

ଫନୀ ପାଇଁ ପାଟକୁରା ନିର୍ବାଚନକୁ ୨ ମାସ ଘୁଞ୍ଚାଇ ଦିଆଯାଇଥିବା ବେଳେ ବର୍ଷା ପୂର୍ବରୁ ନିର୍ବାଚନ ସାରିବାକୁ ଦାବି କରିଛି ଭାଜପା। ତେବେ ନିର୍ବାଚନ କମିଶନ ନିଷ୍ପତ୍ତି ବଦଳାଇବା ସମ୍ଭାବନା ଥିବାରୁ ପ୍ରାର୍ଥୀ ଓ ଦଳୀୟ ନେତୃବୃନ୍ଦ ଭୋଟରଙ୍କୁ ହାତେଇବା ପାଇଁ ସମସ୍ତ ପ୍ରକାର ଚେଷ୍ଟା ଚଳାଇଛନ୍ତି। ବାତ୍ୟା ଯୋଗୁ ପାଟକୁରା ଅଞ୍ଚଳରେ ରାଜନୈତିକ ଉଷ୍ମତା କମି ଯାଇଥିବା ବେଳେ ଏବେ ପୁଣି ମାହୋଲ ସରଗରମ ହୋଇଛି।

ବିଜେଡି ପ୍ରାର୍ଥୀ ତଥା ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ ସାବିତ୍ରୀ ଅଗ୍ରୱାଲ ପ୍ରଚାର କାର୍ଯ୍ୟ ଏକ ସ୍ୱତନ୍ତ୍ର ଢଙ୍ଗରେ ଆରମ୍ଭ କରିଛନ୍ତି। ଶୁକ୍ରବାର ସୁଦ୍ଧା ୧୦ରୁ ଊର୍ଦ୍ଧ୍ୱ ପଞ୍ଚାୟତରେ ପ୍ରଚାର କାର୍ଯ୍ୟ ଶେଷ ହୋଇଛି। ସାବିତ୍ରୀ ଘର ଘର ବୁଲି ପ୍ରଚାର କରୁଥିବା ବେଳେ ବେଦପ୍ରକାଶଙ୍କ ଅଧୁରା ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ସଂକଳ୍ପ ବଦ୍ଧ ବୋଲି ପ୍ରତିଶ୍ରୁତି ଦେଉଥିବା ଦେଖାଯାଇଛି। ତାଙ୍କ ପାଇଁ ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ, ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଅନୁଭବ ପଟ୍ଟନାୟକଙ୍କ ସମେତ ବିଜେଡିର ବହୁ ନେତୃବୃନ୍ଦ ପ୍ରଚାର କରୁଥିବା ବେଳେ ବିଜେଡି ସପକ୍ଷରେ ଭୋଟ ମାଗୁଛନ୍ତି। ପ୍ରଚାରରେ ସାବିତ୍ରୀଙ୍କ ପୁଅ ସଞ୍ଜୟ ଅଗ୍ରୱାଲ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ବରିଷ୍ଠ ନେତା ଗଣେଶ୍ୱର ବେହେରା, ଭବାନୀ ପ୍ରସାଦ ଓଝା, ୧୦ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ପୂର୍ଣ୍ଣିମା ମଲ୍ଲ, ୧୩ ନଂ. ଜିଲା ପରିଷଦ ସଭ୍ୟ ଜବା ମୁର୍ମୁ ପ୍ରମୁଖ ସାମିଲ ହୋଇଥିଲେ।

ଅପରପକ୍ଷେ ଭାଜପା ପ୍ରାର୍ଥୀ ତଥା ବରିଷ୍ଠ ରାଜନେତା ବିଜୟ ମହାପାତ୍ର ସମର୍ଥକଙ୍କ ସହ ବ୍ଲକ ବିଭିନ୍ନ ପଞ୍ଚାୟତରେ ପ୍ରଚାର କାର୍ଯ୍ୟ ଜୋରଦାର ଆରମ୍ଭ କରିଛନ୍ତି। ଅକ୍ଷୟ ତୃତୀୟାରେ ଜଅଁରାବାରିମୂଳ ପଞ୍ଚାୟତରେ ଅଖିମୁଠି ଅନୁକୂଳ କରିବା ସହ ପ୍ରଚାର କାର୍ଯ୍ୟ ଆରମ୍ଭ କରି ଏ ପର୍ଯ୍ୟନ୍ତ ୧୦ରୁ ଅଧିକ ପଞ୍ଚାୟତରେ ପ୍ରଚାର ଶେଷ କରିଛନ୍ତି। ବିଜୟଙ୍କ ପ୍ରଚାର ରାଲିରେ ବରିଷ୍ଠ ଭାଜପା ନେତା ଗଣେଶ ଚନ୍ଦ୍ର ସାମଲ, ବଟକୃଷ୍ଣ ସାମଲ, ସୁକାନ୍ତ ଦ୍ୱିବେଦୀ, ପ୍ରଶାନ୍ତ ସାମଲ ପ୍ରମୁଖ ସାମିଲ ହୋଇଛନ୍ତି। କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି ମଧ୍ୟ ନିର୍ବାଚନ ପ୍ରଚାର ଜୋରଦାର କରିଛନ୍ତି। ଭାଜପା ଓ ବିଜେଡି ମଧ୍ୟରେ ବଳ କଷା କଷି ହେଉଥିବା ବେଳେ ଜୟନ୍ତ ନିଜର ଏଥିରୁ ଫାଇଦା ଉଠାଇବାକୁ ଉଦ୍ୟମ ଚଳାଇଛନ୍ତି। ବାତ୍ୟା ପରେ ନିର୍ବାଚନ ମାହୋଲ ପୁଣି ଉଷ୍ମ ହୋଇଥିବା ବେଳେ ସମସ୍ତ ପ୍ରାର୍ଥୀ ରୋଡ ଶୋ ଉପରେ ଗୁରୁତ୍ୱ ନ ଦେଇ ଘରେ ଘରେ ବୁଲି ପ୍ରଚାର କରୁଥିବା ଦେଖାଯାଉଛି।



ତୁମର କଷ୍ଟର କାରଣ ଯାହାକିଛି ହୋଇଥାଉ ନାଁ କାହିଁକି, ତୁମେ ଅପରକୁ କୌଣସି ପ୍ରକାର ଆଘାତ ଦିଅନାହିଁ।
- ଗୌତମବୁଦ୍ଧ



## ଖଣି ଅଞ୍ଚଳବାସୀଙ୍କୁ ନଦୀଜଳ ପ୍ରକଳ୍ପ

# ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରୀ ନେଇ ସନ୍ଦିହାନ

**ଯାଜପୁର ଅଫିସ,୧୦।୫**

ଜିଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍) ପାଣ୍ଠି ଦ୍ୱାରା ନିର୍ମାଣାଧିନ ମେଗା ନଦୀଜଳ ପ୍ରକଳ୍ପ ଦିଗହରା ହୋଇଛି। ଯାଜପୁର ଜିଲା ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀର ସୁକିନ୍ଦା ବ୍ଲକ ଅନ୍ତର୍ଗତ ମହୁଲପାଳ ନିକଟରେ ପ୍ରଥମେ ମେଗା ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ଯୋଜନା ରହିଥିଲା। କିନ୍ତୁ ଏବେ ପୁଣି ଢେଙ୍କାନାଳ ଜିଲା ଭୁବନ ବ୍ଲକ ପ୍ରହରାଜପୁର ନିକଟ ବ୍ରାହ୍ମଣୀ ନଦୀରୁ ପାଣି ଉଠାଇବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହାକୁ ପ୍ରହରାଜପୁର ଓ ଏହାର ଆଖପାଖ ଲୋକ ବିରୋଧ କରୁଥିବାରୁ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟକାରୀ ହେବା ନେଇ ସନ୍ଦୀହାନ ଦେଖା ଦେଇଛି।

ଖଣି ଗ୍ରାମଠାରୁ ୧୦କି.ମି. ପରିଧି ମଧ୍ୟରେ ଥିବା ସମସ୍ତ ଗ୍ରାମକୁ ପାଇପ ଯୋଗେ ଜଳଯୋଗାଣ ହେବ । ନଦୀ, ନାଳ, ଝରଣା ତଥା ଅନ୍ୟାନ୍ୟ ଜଳ ଉତ୍ସରୁ ଏହି ବ୍ୟବସ୍ଥା କରିବାକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲୁଏସଏସ) ବିଭାଗ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଥିଲା। ହେଲେ ତାହା ଏଯାଏ କାର୍ଯ୍ୟକାରୀ ହୋଇପାରି ନାହିଁ। ଚଳିତ ଗ୍ରୀଷ୍ମମାସ ପୂର୍ବରୁ ଖଣି ଅଞ୍ଚଳବାସୀ ଏହି ମେଗାଜଳ ପ୍ରକଳ୍ପରୁ ସ୍ୱଚ୍ଛ ପାଣି ପାଇବେ ବୋଲି ଆଶା ରଖିଥିଲେ। ହେଲେ ଗ୍ରୀଷ୍ମ ମାସରେ ଉତ୍କଟ ଜଳ ସମସ୍ୟା ଖଣି ଅଞ୍ଚଳବାସୀଙ୍କୁ ଅତିଷ୍ଠ କରିଛି । ଜିଲା ଖଣିଜ ପାଣ୍ଠି ଓ ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବ୍ରାହ୍ମଣୀ ନଦୀ ମେଗା ଜଳଯୋଗାଣ ପ୍ରକଳ୍ପ ପାଇଁ ପ୍ରାୟ ୧୩୦ କୋଟି ଟଙ୍କା ମଞ୍ଜୁର ହୋଇଛି । ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ, ଚଣ୍ଡିଖୋଲ ଡିଭିଜନ ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସୁକିନ୍ଦା ବ୍ଲକ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଅର୍ଡାପାଳ, ଚିଙ୍ଗୁଡ଼ିପାଳ, ଦେଓଗାଁ, ଗୁହିଆଶାଳ, ନଗଡ଼ା, ନାତୋର, ପାଟଣା, ପୋଡାଗାଡ଼ି ଓ ରଗଡ଼ା, କର୍ଣସା ପଞ୍ଚାୟତର ବାଲିଆପଦା, କର୍ଣସା, କୁମର୍ଦ୍ଦା, ଓସ୍ତପାଳ, ସାରୁଆବିଲ ଓ ତଳଙ୍ଗି, ରାଁସୋଲ ପଞ୍ଚାୟତର ବରଗଜି, କୁକୁଡିଆ, କଳରଙ୍ଗିଅଟା, କୁସୁମୁଡିହ, ମହୁଲଖାଲ ଓ ରାଁସୋଲ, କାଳିଆପାଣି ପଞ୍ଚାୟତର ଗୁରୁଜଙ୍ଗା, ଗୁରୁଜଙ୍ଗାପାଳ, କାଳିଆପାଣି ଓ ସୁକୁରୁଙ୍ଗି ଏବଂ କୁହିକା, ଦୁଧୁଯୋରୀ, ପିମ୍ପୁଡିଆ ପଞ୍ଚାୟତବାସୀ ଉପକୃତ ହୋଇ ପାରିବେ ବୋଲି ଯୋଜନା ହୋଇଛି । ଏହି ମେଗା ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ନାଗାର୍ଜୁନ ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ଉକ୍ତ କମ୍ପାନୀ ମଙ୍ଗଳପୁର ନିକଟରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ ଖୋଲି କେବଳ ପାଇପ ବିଛା କାର୍ଯ୍ୟ ହାତକୁ ନେଇଛି। ତେବେ ସମୁଦାୟ ପ୍ରକଳ୍ପର ୫ପ୍ରତିଶତ ବି କାର୍ଯ୍ୟ ଆଗେଇ ପାରି ନାହିଁ। ଅନ୍ୟପକ୍ଷେ ପୂର୍ବରୁ ଯାଜପୁର ଜିଲା ମହୁଲପାଳ ନିକଟ ବ୍ରାହ୍ମଣୀ ନଦୀ ପାଣି ଉଠାଇବାକୁ ଯୋଜନା ହୋଇଥିଲା। ପରବର୍ତ୍ତି ସମୟରେ କେଉଁ କାରଣରୁ ଢେଙ୍କାନାଳ ଜିଲା ପ୍ରହରାଜପୁର ନିକଟରୁ ପାଣି ଉଠାଇ, ସେଠାରେ ପମ୍ପ ହାଉସ ଆଦି ନିର୍ମାଣ କରି ଜଳଯୋଗାଣ କରିବାକୁ ଧାର୍ଯ୍ୟ ହୋଇଛି । ଏଥିରେ ପ୍ରହରାଜପୁର ଓ ଏହାର ଆଖପାଖ ଗ୍ରାମବାସୀ ବିରୋଧ କରୁଥିବା ଜଣାପଡିଛି । ଯାହାକୁ ନେଇ ଆଗାମୀ ଦିନରେ କାର୍ଯ୍ୟର ଅଗ୍ରଗତିର ବାଧା ସୃଷ୍ଟି ହୋଇପାରେ ବୋଲି ସନ୍ଦେହ କରାଯାଉଛି । ତେବେ ପ୍ରବଳ ଗ୍ରୀଷ୍ମ ଅନୁଭୂତ ହେଉଥିବାରୁ ଉପରୋକ୍ତ ଅଞ୍ଚଳବାସୀ ପାନୀୟ ଜଳ ପାଇଁ ହାହାକାର ହେଉଛନ୍ତି। ଭୂତଳ ଜଳ ନିମ୍ନଗାମୀ ହୋଇଥିବା ସହ କୁଅ, ପୋଖରୀ ସବୁ ପ୍ରାୟ ଶୁଖିବାକୁ ବସିଛି । ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ଭୂତଳ ଜଳରେ ପ୍ରାୟ ଲୌହଅଂଶ ରହିଥିବାରୁ ଲୋକେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହେଉଥିବା ଏକ ବେସରକାରୀ ରିପୋର୍ଟରୁ ଜଣାପଡିଛି। ତେଣୁ ଅଞ୍ଚଳବାସୀ ନଦୀଜଳ ଉପରେ ଅଧିକ ଗୁରୁତ୍ୱ ଦେଇ ମେଗା ପ୍ରକଳ୍ପକୁ ଚାହିଁ ବସିଛନ୍ତି । ଜିଲାରେ ୧୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ନଦୀ ପ୍ରବାହିତ ହେଉଛି । ହେଲେ ମାତ୍ର ୬ଟି ନଦୀଜଳ ପ୍ରକଳ୍ପ ଏଯାଏ କାର୍ଯ୍ୟକାରୀ ହୋଇ ଜିଲାବାସୀଙ୍କୁ ସନ୍ତୁଷ୍ଟ କରାଯାଇଛି । ବଡ଼ଚଣା ବ୍ଲକର ବିରୂପା ନଦୀରୁ ଚାରିନଙ୍ଗଲ ଓ ବାଲିଚନ୍ଦ୍ରପୁର ପଞ୍ଚାୟତର ବାଲିଚନ୍ଦ୍ରପୁର, କେଲୁଅ ନଦୀରୁ ବରପଦା ପଞ୍ଚାୟତର ବରପଦା, ବ୍ରାହ୍ମଣୀ ନଦୀରୁ ସୁକିନ୍ଦା ବ୍ଲକ ପିଙ୍ଗଳ ପଞ୍ଚାୟତର କଇଥା ଏବଂ କୁଶେଇ ନଦୀରୁ ଦାନଗଦି ବ୍ଲକ ବାଙ୍ଗରକୋଟା ପଞ୍ଚାୟତର ବାଙ୍ଗରକୋଟା ଓ ଉଚ୍ଚବାଲି ପ୍ରକଳ୍ପ ରହିଛି । ଏହି ପ୍ରକଳ୍ପରୁ ସମ୍ପୃକ୍ତ ଅଞ୍ଚଳବାସୀ ବିଭିନ୍ନ ସମୟରେ ଅନେକ ସମସ୍ୟା ଯୋଗୁ ନିୟମିତ ଭାବେ ପାଣି ମଧ୍ୟ ପାଆନ୍ତି ନାହିଁ । ଏ ସଂକ୍ରାନ୍ତରେ ଆରଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜାଙ୍କୁ ପଚାରିବାରୁ ସେ କହିଛନ୍ତି ସୁକିନ୍ଦା ଖଣି ଅଞ୍ଚଳ ପାଇଁ ମେଗା ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇ ସାରିଛି । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତାକୁ ସମ୍ପୂର୍ଣ୍ଣ କରିବାକୁ ଠିକାସଂସ୍ଥା ସହ ଚୁକ୍ତି ହୋଇଛି ବୋଲି ପରିଜା କହିଛନ୍ତି।

- ଢେଙ୍କାନାଳ ଜିଲା ପ୍ରହରାଜପୁରରେ ହେବ ପମ୍ପହାଉସ
- ପାଇପ ବିଛାରେ ଗଡୁଛି ସମୟ

## ସଂକ୍ଷେପରେ

### ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହତ୍ୟା ଅଭିଯୋଗ ଆଣିଲେ ଭାଇ

ଚଣ୍ଡିଖୋଲ/ ବାଲିଚନ୍ଦ୍ରପୁର, ୧୦।୫(ଡି.ଏନ.ଏ./ସ୍ୱ.ପ୍ର.)- ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭୁଲୁକା ଗ୍ରାମର ଜଣେ ମହିଳାଙ୍କର ଗତ ୮ ତାରିଖରେ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଶାଶୁଘର ଲୋକେ ନିର୍ଯାତନା ଦେଇ ହତ୍ୟା କରିଥିବା ତାଙ୍କ ଭାଇ ୯ ତାରିଖରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଛନ୍ତି। ଥାନା ପକ୍ଷରୁ ମାମଲା ରୁଜୁ କରାଯିବା ସହ ତଦନ୍ତ ଜାରି ରହିଛି। ଧର୍ମଶାଳା ଥାନା ଅନ୍ତର୍ଗତ (କଣ୍ଟିଗଡିଆ) ପାଇକେରାପୁର ଗ୍ରାମର ଧ୍ରୁବ ନାୟକଙ୍କ ଝିଅ ମାନସୀ ଗତ ୧୩ ବର୍ଷ ପୂର୍ବେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଭୁଲୁକା ଗ୍ରାମର ବିଷ୍ଣୁ ଜେନାଙ୍କ ପୁଅ ଦୀଲିପଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ମଧ ଅଛନ୍ତି। ମାନସୀ କୌଣସି ରୋଗରେ ପୀଡ଼ିତ ହୋଇ ଗତ ୮ ତାରିଖରେ କଟକ ଡାକ୍ତରଖାନାରେ ଭର୍ତ୍ତି ହେବା ସହ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ହେଲେ ମାନସୀଙ୍କ ଭାଇ ରମେଶ ଶାଶୁଘର ଲୋକେ ମାରିଦେଇଥିବା ନେଇ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ମାନସୀଙ୍କର କିଛି ବର୍ଷ ପୂର୍ବେ ହୃଦରୋଗ ଅସ୍ତ୍ରୋପ୍ରଚାର ହୋଇଥିବାବେଳେ ତାଙ୍କର ଗୋଟିଏ ହାତ କାମ କରୁ ନ ଥିଲା। ହେଲେ ଶାଶୁଘର ଲୋକେ ତାଙ୍କୁ ବଳପୂର୍ବକ କାମ କରାଉଥିଲେ। ଶାଶୁଘର ଲୋକେ ମିଶି ତାଙ୍କୁ ମାରିଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି।

### ପଲିଥିନ ପାଇଁ ମାରପିଟ, ଥାନାରେ ମାମଲା

**ସୁକିନ୍ଦା,୧୦।୫(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ଅଡା ଗ୍ରାମର ଜଣେ ଫନୀ ବିପନ୍ନଙ୍କୁ ପଲିଥିନ ବଣ୍ଟନ କରାଯାଇଥିଲା। ଏଥିରେ ଗ୍ରାମର ଅମୂଲ୍ୟ ବଳ ବଞ୍ଚିତ ହୋଇଥିଲେ। ଏନେଇ ସେ ତହସିଲ କାର୍ଯ୍ୟାଳୟରେ ଜଣାଇବାରୁ ତାଙ୍କ ନାମ ତାଲିକାରେ ନ ଥିବାରୁ ପଲିଥିନ୍ ଦିଆଯାଇ ନ ଥିଲା ବୋଲି କହିଥିଲେ। ଏଥିସହ ଗ୍ରାମର ୱାର୍ଡମେମ୍ବର ତାଲିକାରେ- ଦେଇଥିବା ଶୁଣିବାକୁ ପାଇଥିଲେ। ତେବେ ବାତ୍ୟାରେ ତାଙ୍କ ଘର ଭାଙ୍ଗି ଯାଇଥିବାବେଳେ ୱାର୍ଡମେମ୍ବର ତାଙ୍କ ନାମ ଦେଇ ନ ଥିବାରୁ ଉତ୍କ୍ଷିପ୍ତ ହୋଇ ୱାର୍ଡମେମ୍ବର ସୁବାସ ସ୍ୱାଇଁଙ୍କ ଘରକୁ ଯାଇ ଗାଳିଗୁଲଜ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ଓ ପରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ଗୁରୁତର ହୋଇଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇ ପରିସ୍ଥିତିକୁ ଆୟତ୍ତ କରିଥିଲା। ଏ ନେଇ ଉଭୟଙ୍କ ପକ୍ଷରୁ ଅଭିଯୋଗ ଆଧାରରେ ପୋଲିସ ୨ଟି ପୃଥକ୍ ମାମଲା (୧୨୯/୧୯ ଓ ୧୩୦/୧୯) ରୁଜୁ କରି ତଦନ୍ତ ଚଳାଇଛି। ଉଭୟ ଏବେ ଚିକିତ୍ସିତ ଥିବା ଜଣାପଡିଛି।

### ଧାନ ଚାଷୀଙ୍କୁ ଫସଲ ବୀମା ଦାବି

**ଧର୍ମଶାଳା,୧୦।୫(ଡି.ଏନ୍.ଏ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଭୟପୁର ପଞ୍ଚାୟତରେ ଫନୀ ପ୍ରଭାବରେ ୧୦୦ ହେକ୍ଟରରୁ ଊର୍ଦ୍ଧ୍ୱ ଡାଲୁଅ ଧାନ ପ୍ରଭାବିତ ହୋଇଛି। ଚଳିତ ବର୍ଷ ଭଲ ଧାନ ଫସଲ ହୋଇଥିଲା। କେତେକ ଧାନ ଥୋଡ ବାହାରି ପାଚିବାକୁ ବସିଥିଲା। ମାତ୍ର ଚଳିତ ଫନି ବାତ୍ୟାରେ ଅଗାଡି ହୋଇଯାଇଛି। ଆଉ କେତେକ ଧାନ ପାଣିରେ ପଡି ମଧ ଗଜା ହେବାକୁ ବସିଲାଣି। ଏହି ଚାଷୀମାନଙ୍କ ମଧ୍ୟରୁ ଅନେକ ଋଣକରି ବୀମା କରିଥିଲା ବେଳେ ଆଉ କେତେକ ଚାଷୀ ବେସରକାରୀ ଭାବେ ଋଣକରି ଚାଷ କରିଥିଲେ। ଏବେ ଧାନ ଫସଲ ଉଜୁଡି ଯିବାରୁ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ସେମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ସହ ବିମାରାଶି ପ୍ରଦାନ କରିବାକୁ କ୍ଷତିଗ୍ରସ୍ତ ଚାଷୀ ଦାବି କରିଛନ୍ତି। ଏଥିସହ କ୍ଷୟକ୍ଷତି ତୁରନ୍ତ ପ୍ରଦାନ କରା ନ ଗଲେ ସେମାନଙ୍କ ମଧରୁ ଅନେକ ଆତ୍ମହତ୍ୟା କରିବାକୁ ବାଧ ହେବେ ବୋଲି କହିଛନ୍ତି।

## ଜିଲା ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

**ଯାଜପୁର ଅଫିସ,୧୦।୫**



ପରିଚାଳନା କମିଟି ବୈଠକରେ ଉପସ୍ଥିତ ଜିଲାପାଳଙ୍କ ସହ ଅନ୍ୟମାନେ।

ଯାଜପୁର ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲପାଳଙ୍କ ସମ୍ମଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ବୈଠକରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଧୈର୍ଯ୍ୟ ନ ହରାଇ ସାହସର ସହିତ ସମସ୍ତେ ଏକଜୁଟ ହୋଇ ସହଯୋଗ କଲେ ବିପର୍ଯ୍ୟୟ ଆମକୁ ଡରାଇ ପାରିବ ନାହିଁ ବୋଲି ଉପସ୍ଥିତ ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟରେ କଣ୍ଟ୍ରୋଲ ରୁମ୍ ଖୋଲା ରଖିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ଋତୁ ପୂର୍ବରୁ ରାସ୍ତାଘାଟ, ନଦୀ ବନ୍ଧ ମରାମତି, ଜଳ ନିଷ୍କାସନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଶୁଖିଲା ଖାଦ୍ୟ, ଗୋ-ଖାଦ୍ୟ, ପଲିଥିନ, ସାପ କାମୁଡ଼ା ଇଞ୍ଜେକ୍ସନ, ହାଲୋଜିନ ବଟିକା, ମ୍ୟାଲେରିଆ ଓ ଡେଙ୍ଗୁ ଭଳି ଜ୍ୱର ପାଇଁ ବଟିକା, ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ମହଜୁଦ କରି ରଖିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ସଚେତନ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଯାଜପୁରରୋଡ ଓ ଯାଜପୁର ସଦର ମହକୁମାରେ ଥିବା ଡାକ୍ତରଖାନାରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କ ପାଇଁ ପିଇବା ପାଣିର ସୁବନ୍ଦୋବସ୍ତ ଅଛି କି ନାହିଁ ସେନେଇ ବିଭାଗୀୟ ଅଧିକାରୀଙ୍କୁ ପଚାରି ବୁଝିଥିଲେ। ଆବଶ୍ୟକ ସ୍ଥଳେ ସୁବନ୍ଦୋବସ୍ତ କରିବା ପାଇଁ ଜିଲାପାଳଙ୍କୁ ଅବଗତ କଲେ ସେ ବ୍ୟବସ୍ଥା କରାଇବେ ବୋଲି ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଯାଜପୁର ରୋଡରେ ଓଡ୍ରାଫ ଟିମ୍‌ର କାର୍ଯ୍ୟାଳୟ ସ୍ଥାପନ ହେବାକୁ ଯାଉଛି। ବିପଦ ସମୟରେ ଏହାର ସହଯୋଗ ନେବାକୁ ମୋବାଇଲ ନମ୍ବର ୯୭୭୬୬୯୨୯୮୬ରେ ଯୋଗାଯୋଗ କରାଯାଇପାରିବ। ବୈଠକରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, କଳିଙ୍ଗ ନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ମନୋଜ କୁମାର ବେହେରା, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଅତିରିକ୍ତ ଉପଜିଲାପାଳ ଚିନ୍ମୟୀ ବିଶ୍ୱାଳ ଉପସ୍ଥିତ ଥିଲେ। ଜିଲା ଜରୁରିକାଳୀନ ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

## ୧୫ରୁ ଆରମ୍ଭ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବିର

**ରସୁଲପୁର,୧୦।୫(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବାଜରର ହରିପୁରରୋଡସ୍ଥିତ ସରସ୍ୱତୀ କଳା ନିକେତନ ପକ୍ଷରୁ ଆସନ୍ତା ୧୫ତାରିଖରୁ ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ ଶିବର ଆରମ୍ଭ ହେବ। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏକ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି। କଳା ନିକେତନର ଅଧକ୍ଷା ସୁଚିସ୍ମିତା ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଶିବିର ଆୟୋଜନ କରାଯିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଶିବିରରେ ୫ରୁ ୧୬ବର୍ଷ ପିଲାଙ୍କୁ ତାଲିମ ଦିଆଯିବ । ଏଠାରେ ବିଦ୍ୟାର୍ଥୀମାନଙ୍କୁ ନାଚ, ସଂଗୀତ, ଚିତ୍ରାଙ୍କନ, ଶ୍ଳୋକନ ଇଂଲିଶ ଆଦି ବିଷୟରେ ପ୍ରଶିକ୍ଷଣ ଦିଆଯିବ। ଏହି ଶିବିର ୧୨ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।

## ତଦନ୍ତ କଲା ସାଇଣ୍ଟିଫିକ୍ ଟିମ୍

**କୋରେଇ,୧୦।୫(ସ୍ୱ.ପ୍ର.)**

**ଦୋକାନରୁ ଚୋରି ଘଟଣା**

ପାଣିକୋଇଲି-ନମିଚିକିରୀ ରାସ୍ତାର ଶନି ମନ୍ଦିର ନିକଟରେ ଥିବା ଇଲେକ୍ଟ୍ରୋନିକ୍ସ ଦୋକାନରୁ ବୁଧବାର ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଏ ନେଇ ଦୋକାନ ମାଲିକ ହିମାଂଶୁ ପଣ୍ଡା ଗୁରୁବାର ପାଣିକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଥାନା ପକ୍ଷରୁ ଏକ ମାମଲା (ନଂ. ୮୫/୧୯) ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଦୋକାନରେ ମରାମତି ଉଦ୍ଦେଶ୍ୟରେ ଥିବା ଏକ ଇଣ୍ଡକ୍ସନ କୁକର ଉପରେ ଦୁର୍ବୃତ୍ତଙ୍କ ପାଦ ଚିହ୍ନରୁ ଶୁକ୍ରବାର ସାଇଣ୍ଟିଫିକ୍ ଟିମ୍ ତଦନ୍ତ ଆରମ୍ଭ କରିଛି। ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ତଥା ତଦନ୍ତକାରୀ ଅଧିକାରୀ କୈଳାସ ଚନ୍ଦ୍ର ଭୋଇଙ୍କ ସମେତ ଫିଙ୍ଗରପ୍ରିଣ୍ଟ ଏକ୍ସପର୍ଟ ଏସ୍‌ଆଇ ପ୍ରଫୁଲ୍ଲ ବେହେରା ଓ ପବିତ୍ର ମୋହନ ପଣ୍ଡା ହିମାଂଶୁଙ୍କ ଦୋକାନକୁ ଆସି ପାଦ ଚିହ୍ନର ନମୁନା ସଂଗ୍ରହ କରିଥିଲେ। ଏଥିସହ ଚୋର କିପରି ସ୍କାଏ ଲାଇଟ ଭାଙ୍ଗି ଭିତରକୁ ଗଲେ, ତାହାର ତର୍ଜମା କରିଥିଲେ। ଖୁବ୍‌ଶୀଘ୍ର ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରାଯିବ ବୋଲି ପୋଲିସ କହିଛି।



ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି।

## ଇଭିଏମ୍‌ରେ ଜାଲିଆତି ଅଭିଯୋଗ ଆଣିଲେ ଭାଜପା ପ୍ରାର୍ଥୀ

**ଚଣ୍ଡିଖୋଲ,୧୦।୫(ଡି.ଏନ.ଏ)**

ଭୋଟ ଗଣତି ପୂର୍ବରୁ ଷ୍ଟ୍ରଙ୍ଗରୁମ୍‌ରେ ଗଚ୍ଛିତ ରହିଥିବା ଇଭିଏମ୍‌କୁ ଜାଲିଆତି କରି ଏକ ନିର୍ଦ୍ଦିଷ୍ଟ ଦଳ ସପକ୍ଷରେ ଭୋଟ କରିବା ପାଇଁ ସୁଚିନ୍ତିତ ଯୋଜନା ହେଉଥିବା ସୂଚନା ମିଳିଥିଲା। ଏ ନେଇ ଶୁକ୍ରବାର ବଡ଼ଚଣା ଭାଜପା ପ୍ରାର୍ଥୀ ଅମର ନାୟକ ଯାଜପୁର ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସଙ୍କ ନିକଟରେ ଅଭିଯୋଗ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ପ୍ରକାଶ ଯେ, ଗତ ଦୁଇଦିନ ହେଲା ଜିଲା ଯାଜପୁର ଦପ୍ତରରୁ ଗତ ନିର୍ବାଚନରେ ଅଂଶଗ୍ରହଣ କରିଥିବା ବଡ଼ଚଣାର କେତେଜଣ ପ୍ରିଜାଡିଂ ଅଫିସରଙ୍କ ନିକଟକୁ ଟେଲିଫୋନ୍ କଲ ଆସିଥିଲା। କେତେକ କାଗଜପତ୍ରରେ ଆସି ସଂଶୋଧନ କରିବା ସହ ସ୍ୱାକ୍ଷର କରିବା ପାଇଁ ପ୍ରିଜାଡିଂ ଅଫିସରଙ୍କୁ କୁହାଯାଇଥିଲା। ଏହି ଟେଲିଫୋନ ଡାକରାର ପ୍ରକୃତ କାରଣ ଜାଣି ନ ପାରି ବଡ଼ଚଣାର ଜଣେ ପ୍ରିଜାଡିଂ ଅଫିସର ଟେଲିଫୋନ ଆଲୋଚନାକୁ ତାଙ୍କ ମୋବାଇଲରେ ରେକର୍ଡିଂ କରିନେବା ସହ ସେହି ରେକର୍ଡିଂକୁ ଭାଜପା ପ୍ରାର୍ଥୀ ନାୟକଙ୍କ ନଜରକୁ ଆଣିଥିଲେ। ଏହି ଘଟଣା ପରେ ଭାଜପା ପ୍ରାର୍ଥୀ ନାୟକ ଏହା ଉପରେ ସନ୍ଦେହ କରି ସିଧାସଳଖ ଏହାକୁ ଜିଲାପାଳଙ୍କ ନଜରକୁ ଆଣିଥିବା ଜଣାପଡ଼ିଛି। ଜିଲା ଦପ୍ତରରୁ ଆସୁଥିବା ଏହି ଟେଲିଫୋନ୍ ଘଟଣା ପ୍ରଘଟ ହେବା ପରେ ସାଧାରଣରେ ସନ୍ଦେହ ସୃଷ୍ଟି ହେବା ସହ ବହୁ ସଂଖ୍ୟକ ଭାଜପା କର୍ମୀ ଇଭିଏମ୍ ଗଚ୍ଛିତ ଥିବା ସ୍ଥାନକୁ ଜଗିବା ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି।

## ରିଲିଫ ଚାଉଳ ବଣ୍ଟନକୁ ନେଇ ଅସନ୍ତୋଷ

**ଯାଜପୁରରୋଡ଼,୧୦।୫(ଡି.ଏନ୍.ଏ)**

**ବ୍ୟାସନଗର ପୌର ପରିଷଦ**

ବ୍ୟାସନଗର ପୌର ପରିଷଦରେ ବାତ୍ୟା ବିପନ୍ନଙ୍କୁ ସରକାରଙ୍କ ତରଫରୁ ୩ ଦିନ ପାଇଁ ରିଲିଫ୍ ଚାଉଳ ବଣ୍ଟନ କରାଯାଇଛି। ୭ ତାରିଖରୁ ରିଲିଫ୍ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି। ଏବେସୁଦ୍ଧା ୨୩ ହଜାର ୮୦୦ ଲୋକଙ୍କୁ ୬୮୦ କୁଇଣ୍ଟାଲ ଚାଉଳ ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦ ସୂଚନା ଦେଇଛନ୍ତି। ପୌର ପରିଷଦର ସମସ୍ତ କ୍ଷତିଗ୍ରସ୍ତ ଲୋକଙ୍କୁ ୧୨ ତାରିଖ ସୁଦ୍ଧା ରିଲିଫ ଚାଉଳ ବଣ୍ଟନ କରାଯିବ। ହେଲେ କେତେକ ବଣ୍ଟନ କେନ୍ଦ୍ରରେ ଚାଉଳ ଓଜନରେ ହେରଫେର ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ନିର୍ବାହୀ ଅଧିକାରୀ ନନ୍ଦ ଓ ଯୋଗାଣ ଅଧିକାରୀ ଶୁଭଲକ୍ଷ୍ମୀ ବେହେରା ଘଟଣାସ୍ଥଳକୁ ଯାଇ ତଦାରଖ କରିଛନ୍ତି। ସମସ୍ତ କେନ୍ଦ୍ରରେ ଯୋଗାଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଚାଉଳ ବଣ୍ଟନ କରାଯାଉଛି। ଯଦି କୌଣସି କର୍ମଚାରୀ ଚାଉଳ ହଡ଼ପ ଉଦ୍ୟମ କରିବେ, ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ସହଯୋଗୀ ଗିରଫ, ମୁଖ୍ୟ ଅଭିଯୁକ୍ତର ପତ୍ତା ପାଉନି ପୋଲିସ

**ଧର୍ମଶାଳା,୧୦।୫(ଡିଏନଏ)**

**ଦେଉଳି ପାହାଡ଼ରୁ ମା' ମୃତଦେହ, ଝିଅ ଗୁରୁତର ଅବସ୍ଥାରେ ଉଦ୍ଧାର ଘଟଣା**

ଧର୍ମଶାଳା ଥାନା ଦେଉଳି ପାହାଡ଼ରେ ଗତ ୪ରେ ମା'ର ମୃତଦେହ ଓ ଝିଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ଘଟଣା ଏବେ ବି ରହସ୍ୟ ଘେରରେ ରହିଛି। ପୋଲିସ ଘଟଣାର ପର୍ଦ୍ଦାଫାସ କରିପାରି ନ ଥିବାବେଳେ ୬ଦିନ ପରେ ମୁଖ୍ୟ ଅଭିଯୁକ୍ତଙ୍କ ସହଯୋଗୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ବିଚିତ୍ର କୁମାର ରଣାଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଫେରାର ଥିବାବେଳେ ପୋଲିସ ତା'ର ପତ୍ତା ପାଉନି। ତେବେ ତାଙ୍କୁ ଗିରଫ କରିବା ଲାଗି ପୋଲିସ ଚାରିଆଡେ ଜାଲ ବିଛାଇଥିବା ଜଣାପଡ଼ିଛି। ମୁଖ୍ୟ ଅଭିଯୁକ୍ତ ରାଜ୍ୟ ବାହାରକୁ ଚାଲିଯାଇଥିବା ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଦେଉଳି ଗ୍ରାମର ଜଣେ ଯୁବତୀଙ୍କୁ ସେହି ଗ୍ରାମର ଜନୈକ ଯୁବକ ଗତ ୨ ତାରିଖ ରାତିରେ ଦେଉଳି ପାହାଡ଼କୁ ଡାକି ନେଇଥିଲେ। ସେମାନଙ୍କୁ ପିଛା କରି ଯୁବତୀଙ୍କ ମା' ମଧ ଯାଇଥିଲେ। ମାତ୍ର ଉଭୟ ମା' ଓ ଝିଅ ରାତିରେ ଘରକୁ ଫେରି ନ ଥିଲେ। ଶନିବାର ସକାଳେ ସ୍ଥାନୀୟ ଅଞ୍ଚଳର କିଛି ଲୋକ ପହାଡ ଉପରକୁ ଯାଇଥିବା ବେଳେ ମହିଳାଙ୍କ ମୃତଦେହ ପଡିଥିବାବେଳେ ତାଙ୍କ ଝିଅ ଚେତାଶୂନ୍ୟ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ପୋଲିସ ଖବର ପାଇ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ପଠାଇବା ସହିତ ମହିଳାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମେଡିକାଲରେ ଚିକିତ୍ସିତ ହେଉଥିବା ଯୁବତୀଙ୍କ ବୟାନକୁ ପୋଲିସ ରେକର୍ଡ କରିଛି। ଏହି ଘଟଣାରେ ଯୁବତୀଙ୍କୁ ସେହି ରାତିରେ ଡାକି ନେଇଥିବା ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ମୁଖ୍ୟ ଅଭିଯୁକ୍ତ ବୋଲି ପୋଲିସ ଜାଣିବାକୁ ପାଇଛି। ଅପରପକ୍ଷେ ବାଲେଶ୍ୱର ଜିଲା ସହଦେବଖୁଣ୍ଟାରେ ମହିଳାଙ୍କ ପୁଅର ମଧ ମୃତ୍ୟୁ ହୋଇଥିଲା। ଏହାକୁ ପୋଲିସ ଆତ୍ମହତ୍ୟା କହୁଥିବାବେଳେ ଗୋଟିଏ ଦିନରେ ଗୋଟିଏ ପରିବାରର ୨ଜଣଙ୍କ ମୃତ୍ୟୁ ଘଟିବା ଓ ଯୁବତୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯିବା ଘଟଣାରୁ ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ଧର୍ମଶାଳା ପୋଲିସ ଏକ ମାମଲା (ନଂ. ୨୧୬/୧୯) ରୁଜୁ କରି ଉଭୟ ଘଟଣାର ଛାନଭିନ୍ ଜାରି ରଖିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଗିରଫ ପରେ ଘଟଣାର ପର୍ଦ୍ଦାଫାସ କରାଯିବ ବୋଲି ଥାନାଧିକାରୀ ସରୋଜ କୁମାର ସାହୁ ସୂଚନା ଦେଇଛନ୍ତି।

## କାର୍ଯ୍ୟକାରୀ ହେଉନି ଶିଶୁ ବିକାଶ ଯୋଜନା

**ଯାଜପୁରରୋଡ,୧୦।୫(ନି.ପ୍ର.)**

ଯାଜପୁର ଜିଲାରେ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହୋଇଛି। ଏହାର ମୁଖ୍ୟ କାରଣ ଦାରିଦ୍ରତା ଓ ସଚେତନତା ଅଭାବ ବୋଲି କୁହାଯାଉଛି। ବର୍ତ୍ତମାନ ଜିଲାରେ ପ୍ରାୟ ୧ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ଶ୍ରମିକ ଥିବା ଜଣାପଡ଼ିଛି। ଦରିଦ୍ରତା ଯୋଗୁ ପେଟପାଟଣା ପାଇଁ ଶିଶୁମାନେ ବିଭିନ୍ନ ସ୍ଥାନରେ କାମ କରିବାକୁ ବାଧ ହେଉଛନ୍ତି। ଏପରିକି କୃଷି କାର୍ଯ୍ୟରେ ମଧ୍ୟ ନିୟୋଜିତ ହେଉଛନ୍ତି। ପ୍ରାୟ ୩୦ ପ୍ରତିଶତ ଶିଶୁ ଅପପୁଷ୍ଟିର ଶିକାର ହେଉଛନ୍ତି। ଅନେକ ବେସାହାରା ଶିଶୁ ଯାଜପୁରରୋଡ ରେଲୱେ ଷ୍ଟେଶନ, ଚୂନଭାଟି ଓ ରାସ୍ତାକଡରେ ଆଶ୍ରୟ ନେଇ ଜରି, ପ୍ଲାଷ୍ଟିକ ଗୋଟାଇ ପେଟ ପୋଷୁଛନ୍ତି। ଶିଶୁ ପୁଷ୍ଟିହୀନତା ଦୂର କରିବା ପାଇଁ ବିଭିନ୍ନ ବ୍ଲକରେ ସମନ୍ୱିତ ଶିଶୁ ପ୍ରକଳ୍ପ ଯୋଜନା (ଆଇସିଡିଏସ) କାର୍ଯ୍ୟକାରୀ କରାଯାଉଛି। ଏଥିରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସୁପରଭାଇଜର ନିଯୁକ୍ତି ପାଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର ମାଧ୍ୟମରେ ପିଲାଙ୍କ ପାଇଁ ପୁଷ୍ଟିସାରଜାତୀୟ ଖାଦ୍ୟ ଯୋଗାଇ ଦିଆଯାଉଥିଲେ ମଧ ଏହାକୁ ବାଟମାରଣା କରାଯାଉଥିବା ମଧ୍ୟ ଅଭିଯୋଗ ହୋଇଛି। ବ୍ୟାସନଗର ପୌର ପରିଷଦରେ ଏହି ଯୋଜନାରେ ଆସୁଥିବା ଖାଦ୍ୟ ହେରଫେର ହେବାର ନଜିର ରହିଛି। ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରି ଥଇଥାନ କରାଯାଉଛି। ମୁସକାନ, ପରୀ ଭଳି ବହୁ କାର୍ଯ୍ୟକ୍ରମ କରାଯାଉଛି। ଜିଲା ଓ ବ୍ଲକସ୍ତରରେ ଶିଶୁ ସୁରକ୍ଷା କମିଟି ଗଠନ କରାଯାଉଛି। ହେଲେ ବୁଦ୍ଧିଜୀବୀଙ୍କୁ କମିଟିରେ ନିଯୁକ୍ତି ନ ମିଳି ପ୍ରଶାସନର ପାଖ ଲୋକଙ୍କୁ ରଖାଯାଉଛି। ପ୍ରତ୍ୟେକ ଗ୍ରାମରେ ସ୍କୁଲ ରହିଛି। ମଧ୍ୟାହ୍ନଭୋଜନ ମଧ୍ୟ ଦିଆଯାଉଛି। ଦଳିତ ଆଦିବାସୀ ଶିଶୁଙ୍କୁ ସରକାର ଭତ୍ତା ଦେଉଥିଲେ ମଧ୍ୟ ସେମାନେ ବିଭିନ୍ନ ସ୍ଥାନରେ କାମ କରୁଛନ୍ତି। ସମ୍ବିଧାନର ଧାରା ୧୫ରେ ଶିଶୁଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। କିନ୍ତୁ ଗ୍ରାମାଞ୍ଚଳରେ ଏହି ଯୋଜନା ଅପହଞ୍ଚ ପାଲଟିଛି। ହୋଟେଲ ଓ ବିଭିନ୍ନ ସ୍ଥାନରେ କାର୍ଯ୍ୟରତ ଶିଶୁ ଶ୍ରମିକଙ୍କୁ ନିର୍ଯାତନା ଦିଆଯାଉଛି। ଏ ସମ୍ପର୍କରେ ଯାଜପୁରରୋଡ ହୁଡି ସାହିର ପଦିଆ ମୁର୍ମୁ କୁହନ୍ତି, ତାଙ୍କର ୬ ପୁଅ ଓ ୨ ଝିଅଙ୍କୁ ପୋଷିବା ପାଇଁ ସାମର୍ଥ୍ୟ ନ ଥିବାରୁ ସେ ବାଧ ହୋଇ ପିଲାଙ୍କୁ କାମ କରିବାକୁ ଛାଡୁଛନ୍ତି। ବିପିଏଲ କାର୍ଡ, ଆଧାର କାର୍ଡ ନ ଥିବାରୁ ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଝାଟିମାଟି ଘରେ ରହୁଛନ୍ତି। ଚୂନଭାଟି ଅଞ୍ଚଳରେ ଅନେକ ବେସାହାରା ଶିଶୁଙ୍କୁ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଉଦ୍ଧାର କରି ଶିଶୁ ସୁରକ୍ଷା ଅଧିକାରୀଙ୍କୁ ହସ୍ତାନ୍ତର କଲେ ମଧ ସେମାନଙ୍କ ନାମରେ କୌଣସି କାଗଜ ପତ୍ର ନ ଥିବାରୁ ଥଇଥାନ କରାଯାଇ ପାରୁନାହିଁ। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ପଚାରିବାରୁ, ଶିଶୁ ଶ୍ରମିକ ଆଇନ କଡାକଡି ଭାବେ ପାଳନ ହେଉଛି। ୧୦୦ରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ବେସାହାରା ଶିଶୁଙ୍କୁ ବାଳାଶ୍ରମ, ଶିଶୁ ପରିଚର୍ଯ୍ୟା କେନ୍ଦ୍ରରେ ଥଇଥାନ କରାଯାଇ ଶିକ୍ଷା ଦିଆଯିବା ସହ ଆତ୍ମନିର୍ଭରଶୀଳ କରାଯାଉଛି। ସଚେତନତା ଅଭାବରୁ ବାପା ମା' ପିଲାମାନଙ୍କୁ ପାଠ ନ ପଢାଇ ବିଭିନ୍ନ ବେସରକାରୀ ବାଣିଜ୍ୟ ପ୍ରତିଷ୍ଠାନରେ ରଖୁଛନ୍ତି। ସେନେଇ ମଧ ସଚେତନତା କରାଯାଉଛି। ଶିଶୁଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗରେ ବହୁ ଦୋକାନ ମାଲିକଙ୍କ ନାମରେ ମାମଲା କରାଯାଇ ଗିରଫ କରାଯାଇଛି। ଜିଲାରେ ଶିଶୁ ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି। ବିଶେଷକରି କେନ୍ଦୁଝର, ମୟୂରଭଞ୍ଜ ଜିଲାରୁ ଶିଶୁ ମାନେ ଆସି ଯାଜପୁରର ବିଭିନ୍ନ ଗ୍ୟାରେଜ୍, ହୋଟେଲ ଏବଂ ବେସରକାରୀ ସଂସ୍ଥାରେ କାମ କରୁଛନ୍ତି। ଯାଜପୁର ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ସେମାନଙ୍କୁ ଉଦ୍ଧାର କରାଯାଉଥିବା ସେ କହିଛନ୍ତି।

**ଯାଜପୁର ଜିଲା**
- ଅପପୁଷ୍ଟିର ଶିକାର ୩୦ ପ୍ରତିଶତ ଶିଶୁ
- ସଚେତନତା ଅଭାବରୁ ବୃଦ୍ଧି ପାଉଛି ଶିଶୁ ଶ୍ରମିକ ସଂଖ୍ୟା
- ଦରିଦ୍ରତା ପାଲଟିଛି ମୁଖ୍ୟ କାରଣ

# ୩୨ ହଜାର ହେକ୍ଟର ଫସଲ କ୍ଷତିଗ୍ରସ୍ତ

**ଜଗତ୍‌ସିଂହପୁର ଜିଲାରେ ଫନୀ ପ୍ରଭାବ**

- ୨୩ ହଜାର ହେକ୍ଟରରେ ୩୩%ରୁ ଅଧିକ ନଷ୍ଟ
- ୧୭ କୋଟି ଟଙ୍କାର କ୍ଷୟକ୍ଷତି ଆକଳନ
- କ୍ଷେତ୍ର ପରିଦର୍ଶନ କରୁଛନ୍ତି ରାଜସ୍ୱ ନିରୀକ୍ଷକ

**ଜଗତ୍‌ସିଂହପୁର ଅଫିସ, ୧୦।୫**

ବାତ୍ୟା ଫନୀ ପ୍ରଭାବରେ ଜଗତ୍‌ସିଂହପୁର ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ବିଶେଷକରି ଚାଷ ଉଜୁଡ଼ିଯିବାରୁ ଜିଲାବାସୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଛି। ଜିଲା କୃଷି ବିଭାଗ ପକ୍ଷରୁ କରାଯାଇଥିବା ପ୍ରାଥମିକ ଆକଳନରୁ ଜଣାଯାଏ ଯେ, ଜିଲାର ମୋଟ ଚାଷ ଜମି ମଧ୍ୟରୁ ୩୧,୬୦୮ ହେକ୍ଟରରେ କରାଯାଇଥିବା ଫସଲ କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରୁ ୨୨,୯୩୭ ହେକ୍ଟରରେ ହୋଇଥିବା ଫସଲ ୩୩% ଅଧିକ ନଷ୍ଟ ହୋଇଯାଇଛି। କ୍ଷୟକ୍ଷତି ଆକଳନ କଲେ ୧୭,୨,୧୦,୫୨୫ ଟଙ୍କା ହେବ ବୋଲି ଜିଲା କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ତେବେ ଚାଷ କ୍ଷୟକ୍ଷତି ସମ୍ପର୍କରେ ଏବେ କୃଷି ଓ ରାଜସ୍ୱ ବିଭାଗ ପକ୍ଷରୁ ଯୁଗ୍ମ ଆକଳନ ଚାଲିଛି। ଆଉ କିଛିଦିନ ଭିତରେ ତହସିଲସ୍ତରରୁ ଚୂଡ଼ାନ୍ତ ରିପୋର୍ଟ ପହଞ୍ଚିବ। ପରେ ବାସ୍ତବ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି ନାୟକ କହିଛନ୍ତି।

ଜଗତ୍‌ସିଂହପୁର ଜିଲାର ୮ ବ୍ଲକ ଫନୀ ଦଂଶନର ଶୀକାର ହୋଇଛି। ସେଗୁଡିକ ମଧ୍ୟରୁ ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ସହ ଜଗତ୍‌ସିଂହପୁର ବ୍ଲକର ୩୦, ରଘୁନାଥପୁର ୧୯, ବାଲିକୁଦା ୩୦, ବିରିଡ଼ି ୨୧, ନାଉଗାଁ ୧୬, ତିର୍ତ୍ତୋଲ ୨୯, କୁଜଙ୍ଗ ୨୯, ଏରସମା ବ୍ଲକର ୨୫, ଏହିପରି ମୋଟ ୧୯୮ ପଞ୍ଚାୟତ ଅଞ୍ଚଳ ପ୍ରଭାବିତ ହୋଇଛି। ଏହି ଅଞ୍ଚଳଗୁଡିକର ଅଧିକାଂଶ ଜମିରେ ମୁଗଚାଷ ହୋଇଥିବାରୁ ଏହା ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। ଏହାବାଦ୍ ଧାନ, ପନିପରିବା ଓ ଅନ୍ୟାନ୍ୟ ଚାଷ ମଧ୍ୟ ପ୍ରଭାବିତ ହୋଇଥିବା ଜଣାଯାଇଛି। ଜିଲା କୃଷି ବିଭାଗ ତଥ୍ୟ ଅନୁଯାୟୀ ଚଳିତ ସିଜନ୍‌ରେ ଜିଲାରେ ହୋଇଥିବା ଅଣଧାନ ବିଶେଷକରି ମୁଗ, ବିରି ଓ ଚିନା ବାଦାମ ମଧ୍ୟରୁ ପାଖାପାଖି ୨୯,୨୦୦ ହେକ୍ଟର କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରେ ଜଗତ୍‌ସିଂହପୁର ବ୍ଲକ ଓ ପୌରାଞ୍ଚଳର ୪,୭୭୩ ହେକ୍ଟର ରହିଥିବା ଆକଳନ କରାଯାଇଛି। ସେହିପରି ରଘୁନାଥପୁର ବ୍ଲକରେ ୩,୧୪୦, ବାଲିକୁଦା ୬,୯୦୨, ବିରିଡ଼ି ୧,୬୩୨, ନାଉଗାଁ ୩,୦୨୯, ତିର୍ତ୍ତୋଲ ୫,୯୫୩, ପାରାଦୀପ ପୌର ପରିଷଦ ଓ କୁଜଙ୍ଗ ବ୍ଲକ ଅଞ୍ଚଳ ୨,୧୨୪, ଏରସମା ବ୍ଲକ ଅଞ୍ଚଳରେ ୧,୬୩୭ ହେକ୍ଟର ଜମିରେ ଏହି ଅଣଧାନ ପ୍ରଭାବିତ ହୋଇଛି। ସାରା ଜିଲାରେ ଧାନ ଚାଷ କମ ହୋଇଥିବାବେଳେ ସେଥିମଧ୍ୟରୁ ମାତ୍ର ୩୨୩ ହେକ୍ଟରରେ ଏହା କ୍ଷତିଗ୍ରସ୍ତ ହୋଇଛି। ସେଥିମଧ୍ୟରୁ ଜଗତ୍‌ସିଂହପୁର ପୌର ପରିଷଦ ଓ ବ୍ଲକ ଅଞ୍ଚଳରେ ୧୦, ରଘୁନାଥପୁର ୨୯, ବାଲିକୁଦା ୧୦, ନାଉଗାଁ ୧୧୪, କୁଜଙ୍ଗ ବ୍ଲକ ଓ ପାରାଦୀପ ପୌର ପରିଷଦ ୩୦, ଏରସମା ବ୍ଲକ ଅଞ୍ଚଳର ୧୩୦ ହେକ୍ଟର ବୋଲି ଜଣାଯାଇଛି। ୧ ବର୍ଷରେ ଅମଳ ହେଉଥିବା ଫସଲ ଯଥା ନଡିଆ, ଆମ୍ବ ଆଦି ମଧ୍ୟରୁ ଫନୀରେ ୨,୦୮୫ ହେକ୍ଟର କ୍ଷତିଗ୍ରସ୍ତ ହୋଇଥିବା ସୂଚନା ଦିଆଯାଇଛି। ସେଥିମଧ୍ୟରେ ଜଗତ୍‌ସିଂହପୁର ପୌର ପରିଷଦ ଓ ବ୍ଲକର ୩୫୦, ପାରାଦୀପ ପୌର ପରିଷଦ ଓ କୁଜଙ୍ଗ ବ୍ଲକ ଅଞ୍ଚଳର ୮୦୨, ରଘୁନାଥପୁର ବ୍ଲକ ୨୧୧, ବାଲିକୁଦା ୩୦, ବିରିଡ଼ି ୭୧୫, ନାଉଗାଁ ୨୦, ତିର୍ତ୍ତୋଲ ୮୫ ଓ ଏରସମା ବ୍ଲକ ଅଞ୍ଚଳର ୭୨ ହେକ୍ଟର ରହିଛି। ଜିଲାରେ ହୋଇଥିବା ଚାଷର ୩୩%ରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ୨୨,୯୩୭ ହେକ୍ଟର ଜମିର ଫସଲ। ଏହି କ୍ଷତି ମଧ୍ୟରୁ ଅଣଧାନ ୨୦,୫୨୯, ଧାନ ୩୨୩ ଓ ୧ ବର୍ଷ ପରେ ଉତ୍ପାଦନ ହେଉଥିବା ଫସଲ ୨,୦୮୫ ହେକ୍ଟର। ଅଣଧାନ କ୍ଷୟକ୍ଷତି ସମ୍ପର୍କରେ ବ୍ଲକୱାରୀ ଅନୁଶୀଳନ କଲେ ଜଣାଯାଏ, ଜଗତ୍‌ସିହପୁର ପୌର ପରିଷଦ ଓ ବ୍ଲକ ଅଞ୍ଚଳରେ କରାଯାଇଥିବା ଏହି ଚାଷ ମଧ୍ୟରୁ ୨,୯୫୭ ହେକ୍ଟର ବିଶେଷ ଭାବରେ ପ୍ରଭାବିତ ହୋଇଛି। ସେହିପରି ରଘୁନାଥପୁର ବ୍ଲକର ୨,୭୮୨, ବାଲିକୁଦା ୫,୨୯୮, ବିରିଡ଼ି ୧୩୮୫, ନାଉଗାଁ ୧୫୩୦, ତିର୍ତ୍ତୋଲ ୩୭୪୭, କୁଜଙ୍ଗ ବ୍ଲକ ଓ ପାରାଦୀପ ପୌର ପରିଷଦ ଅଞ୍ଚଳ ୯୮୯, ଏରସମା ବ୍ଲକ ଅଞ୍ଚଳର ୮୪୧ ହେକ୍ଟର ଜମିର ଫସଲ କ୍ଷତିଗ୍ରସ୍ତ ହୋଇଛି। ଏହି କ୍ଷତିଗ୍ରସ୍ତ ଫସଲ ମଧ୍ୟରୁ ବର୍ଷା ଜଳ ଉପରେ ନିର୍ଭର କରି ୨୦,୫୨୯ ହେକ୍ଟର ଚାଷ ହୋଇଥିଲା। ସେଥିମଧ୍ୟରୁ ଜଗତ୍‌ସିଂହପୁର ପୌର ପରିଷଦ ଓ ବ୍ଲକ ଅଞ୍ଚଳର ୩,୯୫୭, ରଘୁନାଥପୁର ୨,୭୮୨, ବାଲିକୁଦା ୫,୨୯୮, ବିରିଡ଼ି ୧,୩୮୫, ନାଉଗାଁ ୧,୫୩୦, ତିର୍ତ୍ତୋଲ ୩,୭୪୭, କୁଜଙ୍ଗ ବ୍ଲକ ଓ ପାରାଦୀପ ପୌର ପରିଷଦ ୯୮୯, ଏରସମା ବ୍ଲକ ଅଞ୍ଚଳର ୮୪୧ ହେକ୍ଟର ବୋଲି ଦର୍ଶାଯାଇଛି। ଅନୁରୂପ ଭାବେ କ୍ଷତିଗ୍ରସ୍ତ ଫସଲ ମଧ୍ୟରୁ ଜଳସେଚିତ ଜମି ପରିମାଣ ହେଲା ୨,୪୦୮ ହେକ୍ଟର। ସେଥିମଧ୍ୟରୁ ଜଗତ୍‌ସିଂହପୁର ବ୍ଲକ ଓ ପୌର ପରିଷଦ ଅଞ୍ଚଳର ୩୬୦, ରଘୁନାଥପୁର ୨୪୦, ବାଲିକୁଦା ୪୦, ବିରିଡ଼ି ୭୧୫, ନାଉଗାଁ ୧୩୪, ତିର୍ତ୍ତୋଲ ୮୫, କୁଜଙ୍ଗ ବ୍ଲକ ଓ ପାରାଦୀପ ପୌର ପରିଷଦ ୬୩୭, ଏରସମା ବ୍ଲକ ଅଞ୍ଚଳର ୬୦୨ ହେକ୍ଟର ରହିଛି। ବର୍ଷା ଜଳ ଉପରେ ନିର୍ଭରଶୀଳ ଚାଷ ମଧ୍ୟରୁ କ୍ଷତି ପରିମାଣ ରହିଛି ୧୩,୯୫,୯୭,୦୦୦ ଟଙ୍କା। ଜଳସେଚିତ ଜମିର କ୍ଷତି ପରିମାଣ ହେବ ୩,୨୫,୦୮,୦୦୦ ଟଙ୍କା। ଏହିପରି ମୋଟ ଉପରେ ୧୭,୨୧,୦୫,୨୦୦ ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଇଛି। ସରକାର ଅଣଜଳସେଚିତ, ଜଳସେଚିତ ଜମି ଏକର ପିଛା ଯଥାକ୍ରମେ ୨,୭୨୦ ଓ ୫,୪୦୦ ଟଙ୍କା ସହାୟତା ଦେବାକୁ ଘୋଷଣା କରିଛନ୍ତି। ସେହିପରି ୧ ବର୍ଷ ପରେ ଅମଳ ହେଉଥିବା ଫସଲ ଯଥା ନଡିଆ, ଆମ୍ବ, କାଜୁ, ଆଖୁ ଆଦି ୩୩%ରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ, ଏକର ପିଛା ୭,୨୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା ହୋଇଛି। ଏବେ ରାଜସ୍ୱ ନିରୀକ୍ଷକମାନେ କ୍ଷେତ୍ର ପରିଦର୍ଶନ ଜାରି ରଖିଛନ୍ତି। ତଥାପି ଆଉ ୩/୪ ଦିନ ପରେ ବାସ୍ତବ ଚିତ୍ର ସ୍ପଷ୍ଟ ହୋଇଯିବ ବୋଲି କୁହାଯାଇଛି।

## ସଂକ୍ଷେପରେ

### ବିଡିଓଙ୍କୁ ଏସ୍‌ୟୁସିଆଇର ୫ ଦଫା ଦାବିପତ୍ର

**ନାଉଗାଁ,୧୦।୫(ସ୍ୱ.ପ୍ର.):** ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ସହାୟତା ଯୋଗାଇଦେବା ନିମନ୍ତେ ଏସ୍‌ୟୁସିଆଇ ନାଉଗାଁ ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ବିଡିଓ ରଶ୍ମୀରେଖା ମଲ୍ଲିକଙ୍କୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଲୋକଙ୍କୁ ନିରପେକ୍ଷ ଭାବେ ଚିହ୍ନଟ କରି ୧ ମାସର ଚାଉଳ, ଡାଲି ଓ ଗୋଖାଦ୍ୟ ପ୍ରଦାନ, ଭାଙ୍ଗିଯାଇଥିବା ଘର ବାବଦ କ୍ଷତିପୂରଣ, କ୍ଷତିଗ୍ରସ୍ତ ପରିବାରଙ୍କୁ ମାଗଣା ବିଦ୍ୟୁତ୍ ସେବା, ବିଦ୍ୟୁତ ସଂଯୋଗ ପାଇଁ ଆଦାୟ ହୋଇଥିବା ଅର୍ଥ ଫେରସ୍ତ କରିବାକୁ ଏଥିରେ ଦାବି କରାଯାଇଛି। ଏଥିସହ ଡାଲୁଅ ଧାନ, ମୁଗ ଗଛ ଭାଙ୍ଗି ଯାଇଥିବା ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଦାବିପତ୍ରରେ ଦର୍ଶାଯାଇଛି। ସୁବାସ ସ୍ୱାଇଁ, ମହେଶ୍ୱର ଦାସ, ରଞ୍ଜିତ ଜେନା, ଆର୍ତ୍ତ ଦାସ, ଲଳିତ କୁମାର ଭୋଇ ପ୍ରମୁଖ ବିଡିଓଙ୍କୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ମଲ୍ଲିକ କହିଛନ୍ତି ଯେ, ସରକାରୀ ନିୟମ ଅନୁଯାୟୀ ଯାହା ପ୍ରଦାନ କରାଯିବା କଥା ତାହା ପ୍ରଦାନ କରାଯିବ।

### କଳାକାରଙ୍କୁ ବାତ୍ୟା ସହାୟତା ଦାବି

**କୁଜଙ୍ଗ,୧୦।୫(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ମଧୁବାବୁ ପେନ୍‌ସନ୍ ଧାରୀ, ରାଶନକାର୍ଡ ଧାରୀଙ୍କୁ ବାତ୍ୟା ଫନୀ ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଭତ୍ତା ଓ ସହାୟତା ସହ ଚାଉଳ ପ୍ରଦାନ କରାଯାଉଛି। କିନ୍ତୁ କଳାକାର ଭତ୍ତାଧାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇନାହିଁ। ତେଣୁ ସେମାନଙ୍କୁ ମଧ ବାତ୍ୟା ଜନିତ ସହାୟତା ପ୍ରଦାନ କରିବାକୁ ଏହି ଅବସରରେ କବି ପୀତାମ୍ବର ତରାଇ ଦାବି କରିଛନ୍ତି। ସେ କହିଛନ୍ତି ଯେ ଏହି ବ୍ଲକ୍‌ରେ ମାତ୍ର ହାତ ଗଣତି କେତେଜଣ ଦୁଃସ୍ଥ କଳାକାର ଦୁର୍ବିଶହ ଜୀବନ ବିତାଉଛନ୍ତି। ବାତ୍ୟା ଯୋଗୁ ବହୁ କାଳାକାର ନିଜ ଉପକରଣ ହରାଇଛନ୍ତି। ତେଣୁ ରାଜ୍ୟ ସରକାର ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ।

### ଗଛରୁ ପଡ଼ି ଯୁବକଙ୍କ ମୃତ୍ୟୁ

**ଜଗତ୍‌ସିଂହପୁର ଅଫିସ,୧୦।୫:** ଶୁକ୍ରବାର ତିର୍ତ୍ତୋଲ ଥାନା ଅନ୍ତର୍ଗତ ହାଜିନଗରର ଶିବ ଦାସ(୩୮) ଗଛରୁ ପଡି ଗୁରୁତର ଆହତ ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଗତ୍‌ସିଂହପୁର ଥାନା ପକ୍ଷରୁ ସୂଚନା ଦିଆଯାଇଛି।

### ରିଲିଫ ବଣ୍ଟନ ପ୍ରକ୍ରିୟା ଆରମ୍ଭ

**ନାଉଗାଁ,୧୦।୫(ସ୍ୱ.ପ୍ର.):** ଫନୀ ପ୍ରଭାବିତ ନାଉଗାଁ ବ୍ଲକରେ ରିଲିଫ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ବ୍ଲକ ଅଧୀନ ୧୬ ପଞ୍ଚାୟତର ୩୧ ରିଟେଲ ପଏଣ୍ଟରେ ରିଲିଫ୍ ପ୍ରଦାନ କରାଯାଉଛି। ଉଭୟ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜାନାରେ ୧୬,୬୩୭ କାର୍ଡଧାରୀ ରହିଛନ୍ତି। କାର୍ଡ ପିଛା ୫୦୦ ଟଙ୍କା ଓ ପରିବାର ମୁଣ୍ଡ ପିଛା ୫ କେଜି ମାଗଣା ଚାଉଳ ଯୋଗାଇ ଦିଆଯାଉଛି। ସେହିପରି ନାଉଗାଁ ବ୍ଲକରେ ୨୬,୮୮୧ ଗୋ-ମହିଷାଦି ଅଛନ୍ତି। ସେମାନଙ୍କ ପାଇଁ ୨ ମେଟ୍ରିକ ଟନ ଗୋ-ଖାଦ୍ୟ ପ୍ରତି ପଞ୍ଚାୟତକୁ ପ୍ରଦାନ କରାଯାଇଛି। ଗ୍ରାମର ୱାର୍ଡ ସଭ୍ୟଙ୍କ ଦ୍ୱାରା ଗୋଚାଷୀଙ୍କୁ ଚିହ୍ନଟ କରାଯାଇ ଗୋ ଖାଦ୍ୟ ପ୍ରଦାନ କରାଯିବ ବୋଲି ବ୍ଲକ ପଶୁ ଚିକିତ୍ସାଧିକାରୀ ପ୍ରଭାତ କୁମାର ପଣ୍ଡା ପ୍ରକାଶ କରିଛନ୍ତି।

### ଦିବଂଗତ ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

**କୁଜଙ୍ଗ,୧୦।୫(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ପୋତାନଈ ପଞ୍ଚାୟତ ଭଁଅରକୋଲା ଗ୍ରାମର ଦିବଂଗତ ଶିକ୍ଷକ ବଂଶୀଧର ସ୍ୱାଇଁଙ୍କୁ ଏକାଦଶାହ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପଙ୍କପାଳ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୁରାରୀ ମୋହନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଏମପି ଡା. କୁଳମଣି ସାମଲ, ବରିଷ୍ଠ ନାଗରିକ ମଞ୍ଚ ଚନ୍ଦାପାଟ ଜୋନର ସମ୍ପାଦକ ଅମିୟ କୁମାର ପାଳ, ସହ ସମ୍ପାଦକ କେଳୁ ଚରଣ ସ୍ୱାଇଁ, ଅଭୟ ସ୍ୱାଇଁ, ଦଳପ୍ରଭା ପ୍ରହ୍ଲାଦ ଚୌଧୁରୀ, ସଂଘ ସଭାପତି କରୁଣାକର ମଲ୍ଲ, ଅଧ୍ୟାପକ ଉତ୍ତମ ଦାସ, ନୀରଞ୍ଜନ ନାୟକ, ଭାବଗ୍ରାହୀ ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବାତ୍ୟାରେ ଉଡ଼ିଯାଇଛି ଶ୍ରେଣୀଗୃହ ଆଜବେଷ୍ଟସ



ବାତ୍ୟାରେ ଲକ୍ଷ୍ମୀନୃସିଂହ ସଂସ୍କୃତ ମହାବିଦ୍ୟାଳୟର ଶ୍ରେଣୀଗୃହ ଆଜ୍‌ବେଷ୍ଟସ ଉଡ଼ିଯାଇଛି।

**ତିର୍ତ୍ତୋଲ,୧୦।୫(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଖଡ଼ଗପୁରସ୍ଥିତ ପ୍ରାଚୀନ ଶିକ୍ଷାନୁଷ୍ଠାନ ଲକ୍ଷ୍ମୀନୃସିଂହ ସଂସ୍କୃତ ମହାବିଦ୍ୟାଳୟ ଫନୀ ପ୍ରଭାବରେ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। କଲେଜ ପରିସର ଛାରଖାର ହେବା ସହ ବହୁ ଶ୍ରେଣୀ କକ୍ଷର ଆଜବେଷ୍ଟସ ଭାଙ୍ଗିଯାଇଛି। କେତେକ କାନ୍ଥ ମଧ୍ୟ ଫାଟିଯାଇଛି। ମହାବିଦ୍ୟାଳୟର ୫ଟି ଶ୍ରେଣୀ କକ୍ଷର ଉପର ଆଜବେଷ୍ଟସ ସମ୍ପୂର୍ଣ୍ଣ ଉଡିଯାଇଛି। ଏଥିସହିତ ଅଫିସ ଗୃହର ଆଜବେଷ୍ଟସ ଓ ଶୌଚାଳୟ ଆଦି କ୍ଷତିଗ୍ରସ୍ତ ହୋଇଛି। ସମସ୍ତ ଶ୍ରେଣୀ କକ୍ଷର ଛାତ୍ରୀଛାତ୍ରଙ୍କ ବସିବା ପାଇଁ ଥିବା ଟେବୁଲ ଓ ଚେୟାର ମଧ ନଷ୍ଟ ହୋଇଛି। ଆଉ କିଛିଦିନ ପରେ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବାକୁ ଥିବାବେଳେ ମହାବିଦ୍ୟାଳୟର ଏପରି ଅବସ୍ଥା କର୍ତ୍ତୃପକ୍ଷଙ୍କୁ ଚିନ୍ତାରେ ପକାଇଛି। ସୂଚନାଯୋଗ୍ୟ, ୧୯୮୪ରେ ଏହି ମହାବିଦ୍ୟାଳୟ ସ୍ଥାପିତ ହୋଇଥିଲା। ସେହି ସମୟରେ ନିର୍ମିତ ଆଜବେଷ୍ଟସ ଶ୍ରେଣୀଗୃହରେ ପାଠ ପଢା ଚାଲୁଥିଲା। ଏବେ ମହାବିଦ୍ୟାଳୟରେ ସଂସ୍କୃତ ଶାସ୍ତ୍ରୀ ଓ ଉପଶାସ୍ତ୍ରୀ ଶ୍ରେଣୀରେ ପାଠ ପଢା ଚାଲୁଛି। ବିଦ୍ୟାଳୟ ଓ ଗଣଶିକ୍ଷା ସହିତ ଉଚ୍ଚ ଶିକ୍ଷା ବିଭାଗ ଅଧୀନରେ ଥିବା ଏହି ସଂସ୍କୃତ ମହାବିଦ୍ୟାଳୟରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଛନ୍ତି। ତୁରନ୍ତ ଏହି ପ୍ରାଚୀନ ଶିକ୍ଷାନୁଷ୍ଠାନ ମରାମତି ପାଇଁ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ କଲେଜ କର୍ତ୍ତୃପକ୍ଷଙ୍କ ସହ ତିର୍ତ୍ତୋଲ ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକମାନେ ଦାବି କରିଛନ୍ତି।

## ଏନ୍‌ଡିଆର୍‌ଏଫ୍ ଡିଜିଙ୍କ ସମୀକ୍ଷା

**ଜଗତ୍‌ସିଂହପୁର ଅଫିସ,୧୦।୫**

ବାତ୍ୟା ଫନୀ ପ୍ରଭାବରେ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ରାସ୍ତାରେ ଶହ ଶହ ଗଛ ପଡିବା ସହ ଅନ୍ୟାନ୍ୟ ସମସ୍ୟା ସାଧାରଣ ଜୀବନ ଯାତ୍ରାକୁ ବ୍ୟାହତ କରିଦେଇଥିଲା। ଏନ୍‌ଡିଆର୍‌ଏଫ୍, ଓଡ୍ରାଫ ଓ ଅଗ୍ନିଶମ ବାହିନୀ କର୍ମଚାରୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁ ପରିସ୍ଥିତିରେ ସୁଧାର ଆସିଛି। ତେବେ ଏନ୍‌ଡିଆର୍‌ଏଫ୍‌ର କାର୍ଯ୍ୟ ସମୀକ୍ଷା କରିବା ପାଇଁ ବିଭାଗୀୟ ଡିଜି ଏସ୍.ଏନ୍. ପ୍ରଧାନ ଜଗତ୍‌ସିଂହପୁର ଗସ୍ତରେ ଆସି ତିର୍ତ୍ତୋଲ ଏବଂ ଜଗତ୍‌ସିଂହପୁରରେ ରହୁଥିବା ଏନ୍‌ଡିଆର୍‌ଏଫ୍ ଦଳ ସହ ବିସ୍ତୃତ ଆଲୋଚନା କରିଥିଲେ। ଅପରାହ୍ଣରେ ସର୍କିଟ୍ ହାଉସରେ ଏସ୍‌ପି ସୁଧା ସିଂଙ୍କ ସହ ଆଲୋଚନା କରି ଭୁବନେଶ୍ୱର ଫେରିଯାଇଥିବା ଜଣାଯାଇଛି।

## ପୌରପାଳିକା ପକ୍ଷରୁ ୪୩,୨୨୦ ବିପନ୍ନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ

**ପାରାଦୀପ,୧୦।୫(ସ୍ୱ.ପ୍ର.)**

ଫନୀ ବେଳେ ପାରାଦୀପ ପୌରାଞ୍ଚଳରେ ଜିଲା ଓ ପୌର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଗତ ୨ରୁ ୫ ତାରିଖ ମଧ୍ୟରେ ପୌରାଞ୍ଚଳର ୧୯ ୱାର୍ଡର ୨୫ ବସ୍ତିର ସର୍ବାଧିକ ୪୩,୨୨୦ ଜଣଙ୍କୁ ବିଭିନ୍ନ ଆଶ୍ରୟସ୍ଥଳୀକୁ ନିଆଯାଇଥିଲା। ସେଠାରେ ୩ ଦିନ ସେମାନଙ୍କୁ ୩ ବେଳା ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଥିଲା ବୋଲି ପୌର ପାଳିକା ପକ୍ଷରୁ କୁହାଯାଇଛି। ଏଥିସହ ବାତ୍ୟା ପରବର୍ତ୍ତୀ ସମୟରେ ରାସ୍ତା ସଫେଇ, ଗଛକଟା ଆଦି କାର୍ଯ୍ୟ କରାଯାଇଥିଲା। ୩୨୦ ସଫେଇ କର୍ମଚାରୀ(୨୬୦ ଠିକା ଓ ୬୦ ପୌର କର୍ମଚାରୀ) ଓ ୨ଟି ଜେସିବି ମେଶିନ ନିୟୋଜିତ ହୋଇଥିବାବେଳେ ୪ଟି ଜେନେରେଟର ଓ ୭ଟି ପାଣି ଟ୍ୟାଙ୍କର ଯୋଗେ ସହାୟତା ଦିଆଯାଇଥିଲା। ପୌର ଯନ୍ତ୍ରୀଙ୍କ ସମେତ ଜମାଦାରଙ୍କ ପର୍ଯ୍ୟନ୍ତ ୪୦ କର୍ମଚାରୀ, ଆବର୍ଜନା ପରିବହନ ପାଇଁ ୨୨ଟ୍ରାକ୍ଟର, ୨ଟି ଗଛକଟା ମେଶିନ ଓ ରୋଡ୍ ସୁଇପ୍ ମେଶିନ ମୁତୟନ ହୋଇଥିବା ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି କହିଛନ୍ତି।

## ୫ ଦିନ ପରେ ରାସ୍ତାରୁ ହଟିଲା ଗଛ

**କୁଜଙ୍ଗ,୧୦।୫(ସ୍ୱ.ପ୍ର)**

ଫନୀ ପ୍ରଭାବରେ ଅଗପାଳ ପଞ୍ଚାୟତ ପାଇକସ୍ତା ଗ୍ରାମରେ କେତୋଟି ବଡ଼ ବରଗଛ ଉପୁଡିଯାଇ ରାସ୍ତାରେ ପଡିଥିଲା। ଫଳରେ ଏହି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ୫ ଦିନ ଯାତାୟାତ ବନ୍ଦ ରହିଥିଲା। ସେହିପରି କେତେଜଣ ଲୋକଙ୍କ ଘର ଉପରେ ମଧ ଗଛ ପଡିଯାଇଥିଲା। ଏଥିରେ ଚାଳ ସହ ଛାତ ଘର ମଧ କ୍ଷତିଗ୍ରସ୍ତ ହୋଇଥିଲା। ପାଇକସ୍ତା ଛକ ନିକଟରେ ପ୍ରମୋଦ ସାହାଣୀଙ୍କ ଦୁଇ ବଖରା କୋଠା ଓ ଦୁଇ ବଖରା ଚାଳ ଭାଙ୍ଗି ଯାଇଛି। ତେବେ ୫ ଦିନ ପରେ ଏନ୍‌ଡିଆରଏଫ୍ ଟିମ୍ ସହାୟତାରେ ଗଛ କଟାଯିବା ପରେ ରାସ୍ତାରେ ଯାତାୟାତ ସମ୍ଭବ ହୋଇପାରିଛି। ବାତ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ସହାୟତା ଯୋଗାଇଦେବାକୁ ଦାବି ହେଉଛି। ଅନ୍ୟପକ୍ଷରେ ବାତ୍ୟା ଯୋଗୁ ବିଜୁଳି ବିଭ୍ରାଟ ସୃଷ୍ଟି ହୋଇଥିବାବେଳେ କେତେକ ସ୍ଥାନରେ ହାଇମାଷ୍ଟ ଲାଇଟ୍ ଭାଙ୍ଗିପଡ଼ିଛି। ପଙ୍କପାଳ ଦେବୀ ମଣ୍ଡପ ନିକଟରେ ଥିବା ହାଇମାଷ୍ଟ ଲାଇଟ୍ ଖୁଣ୍ଟ ଭାଙ୍ଗିପଡିଛି। ତେବେ ଏହାକୁ ଅଦ୍ୟାବଧି ମରାମତି କରାଯାଇନାହିଁ। ଫଳରେ ଏହି ଅଞ୍ଚଳ ଅନ୍ଧାର ରହିଛି। ଏଥିଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ଅସାମାଜିକ ଓ ଚୋରା ମଦ କାରବାର ହେଉଥିବା ଅଭିଯୋଗ ହେଉଛି।



ଏନ୍‌ଡିଆରଏଫ୍ ପକ୍ଷରୁ ରାସ୍ତାରେ ପଡ଼ିଥିବା ଗଛ କଟାଯାଉଛି।

## ବନ୍ଧୁକ ଦେଖାଇ ଧମକ, ୨ ଗିରଫ

**ପାରାଦୀପ,୧୦।୫(ସ୍ୱ.ପ୍ର.)**

ପାରାଦୀପ ମଡ଼େଲ ଥାନା ଅନ୍ତର୍ଗତ ମଧୁବନ ସିଏଚ୍ କଲୋନୀରେ ଶଶିକାନ୍ତ ବେଉରା ନାମକ ଜଣେ ଯୁବକଙ୍କୁ ୫ରୁ ଅଧିକ ଯୁବକ ବନ୍ଧୁକ ଦେଖାଇ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଛି। ପୋଲିସ ଏନେଇ ମାମଲା ନଂ.୮୨/୧୯ ରୁଜୁ କରିବା ସହ ୨ ଜଣଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ଯୁଗଳ ପ୍ରଧାନ ଓ ପ୍ରଶାନ୍ତ ପାତ୍ର। ଘଟଣାରେ ସମ୍ପୃକ୍ତ ଅନ୍ୟମାନେ ଫେରାର ଅଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏପରି ଘଟିଥିବା ଥାନା ଅଧିକାରୀ ରଜନୀକାନ୍ତ ସାମଲ କହିଛନ୍ତି।

## ହିତାଧିକାରୀଙ୍କୁ ଚାଉଳ, ଅର୍ଥ ବଣ୍ଟନ

**ପାରାଦୀପ,୧୦।୫(ସ୍ୱ.ପ୍ର.)**

ଫନୀ ପ୍ରଭାବରେ କ୍ଷତିଗ୍ରସ୍ତ ଲୋକଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯାଉଛି। ପାରାଦୀପ ପୌରାଞ୍ଚଳର ୯୧୫୩ ରାଶନକାର୍ଡଧାରୀ ପରିବାରଙ୍କୁ ଗୁରୁବାର ଆର୍ଥିକ ସହାୟତା ଓ ଚାଉଳ ବଣ୍ଟନ ଆରମ୍ଭ ହୋଇଛି। ଏହି ପରିବାର ମଧ୍ୟରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଭୁକ୍ତ ଉପଭୋକ୍ତା ସଂଖ୍ୟା ୮୩୦୨ ଥିବାବେଳେ ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଅନ୍ତର୍ଗତ ଉପଭୋକ୍ତା ସଂଖ୍ୟା ୮୫୧ ରହିଛି। ଏହି ୯୧୫୩ ପରିବାରଙ୍କୁ ୫୦୦ଟଙ୍କା ହିସାବରେ ୪୫,୭୬,୫୦୦ ଟଙ୍କା ପ୍ରଦାନ କରାଯିବ। ଉକ୍ତ ପରିବାରର ମୋଟ ସଦସ୍ୟ ସଂଖ୍ୟା ୩୪୨୧୪ ଥିବାବେଳେ ମୁଣ୍ଡପିଛା ୫ କିଲୋ ଚାଉଳ ବଣ୍ଟନ କରାଯାଉଛି। ଏହି ହିସାବରେ ୧୭୧୦.୭୦ କୁଇଣ୍ଟାଲ ଚାଉଳ ବଣ୍ଟନ କରାଯିବ। ଏଥିସହ ପରିବାର ପିଛା ୨.୫ ଲିଟର କିରୋସିନ ବଣ୍ଟନ କରାଯିବ। ଏତଦ୍‌ବ୍ୟତିରେକ ପୌରାଞ୍ଚଳରେ ଭତ୍ତା ପାଉଥିବା ୧୫୬୪ ହିତାଧିକାରୀଙ୍କୁ ଚଳିତମାସରେ ଦୁଇଗୁଣା ଅର୍ଥ ପ୍ରଦାନ କରାଯିବ। ଯେଉଁମାନେ ୫୦୦ଟଙ୍କା ପାଉଥିଲେ ସେମାନଙ୍କୁ ୧୦୦୦ ଟଙ୍କା ଓ ଯେଉଁମାନେ ୭୦୦ଟଙ୍କା ପାଉଥିଲେ ସେମାନଙ୍କୁ ୧୪୦୦ ଟଙ୍କା ପ୍ରଦାନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି କହିଛନ୍ତି। ସନ୍ଧ୍ୟାରେ ପୌରାଞ୍ଚଳର ୧୭, ୧୮, ୧୯ ୱାର୍ଡ ତଥା ସବୁଠାରୁ ବଡ଼ ବସ୍ତି ଷଣ୍ଢକୁଦରେ ଚାଉଳ ଓ ଟଙ୍କା ବଣ୍ଟନ ଆରମ୍ଭ ହୋଇଛି। ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ସ୍ଥାନୀୟ କାଉନ୍‌ସିଲରମାନେ ଉପସ୍ଥିତ ରହି ହିତାଧିକାରୀଙ୍କୁ ଚାଉଳ ଓ ଅର୍ଥ ବଣ୍ଟନ କରିଥିଲେ। ଏହି ଟଙ୍କା, ଚାଉଳ ଓ କିରୋସିନ ପୌରାଞ୍ଚଳର ୨୬ଟି ଡିଲର କେନ୍ଦ୍ରରେ ଆସନ୍ତା ୨ଦିନ ମଧ୍ୟରେ ବଣ୍ଟନ କରାଯିବ। ସୂଚନାଯୋଗ୍ୟ, ବାତ୍ୟା ସୂଚନା ପାଇବା ପରେ ପୌର କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ୪୩୨୨୦ ଲୋକଙ୍କୁ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିଥିଲେ।

## ■ ଫନୀ ବିପନ୍ନଙ୍କୁ ମିଳିନି ପଲିଥିନ୍, ଚିହ୍ନଟ ହୋଇନି ଭାଙ୍ଗିଥିବା ଘର

# କ୍ଷୟକ୍ଷତି ଆକଳନ ତ୍ୱରାନ୍ୱିତ କରିବାକୁ ଦାବି

**ରଘୁନାଥପୁର, ୧୦।୫ (ଡି.ଏନ୍.ଏ.)**

ରଘୁନାଥପୁର ତହସିଲର ୧୯ ପଞ୍ଚାୟତ ପାଇଁ ଥିବା ୬ଟି ଆର୍‌ଆଇ ସର୍କଲରେ ମାତ୍ର ୪ ଜଣ ଆର୍‌ଆଇ କାର୍ଯ୍ୟରତ ଅଛନ୍ତି। ଫଳରେ ସମସ୍ତ ରାଜସ୍ୱ ଗ୍ରାମରେ ବାତ୍ୟା ଫନୀ ଯିବାର ୮ ଦିନ ପରେ ମଧ୍ୟ କାର୍ଯ୍ୟରେ ଅଗ୍ରଗତି ହୋଇପାରିନି। ଏହାକୁ ନେଇ ଭାଜପା ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯିବା ସହ ଭାଜପା ନେତା ପ୍ରଫେସର ରମାକାନ୍ତ ଭୋଇଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ତହସିଲ ଅଫିସ, କୃଷି ଅଫିସ ଓ ସେସୁ କାର୍ଯ୍ୟାଳୟକୁ ଯାଇ ଅଧିକାରୀମାନଙ୍କୁ ଭେଟି ନିଜର କ୍ଷୋଭ ପ୍ରକାଶ କରିଛନ୍ତି। ତୁରନ୍ତ ବାତ୍ୟାବିପନ୍ନ ପରିବାରଙ୍କୁ ପଲିଥିନ୍ ଓ ଭାଙ୍ଗିଯାଇଥିବା ଘରର ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ପ୍ରଫେସର ଭୋଇଙ୍କ ସହ ଯାଇଥିବା କର୍ମୀମାନେ ତହସିଲଦାରଙ୍କ ନିକଟରେ ଦାବି ଜଣାଇଛନ୍ତି। ଏହା କରା ନ ଗଲେ ଆଗାମୀଦିନରେ ଭାଜପା ପକ୍ଷରୁ ତହସିଲ ଅଫିସ ଘେରାଉ ସହ ରାସ୍ତାରୋକୋ କରାଯିବ ବୋଲି ପ୍ରଫେସର ଭୋଇ କହିଛନ୍ତି। ଏହାଛଡା କୃଷି କାର୍ଯ୍ୟାଳୟକୁ ଯାଇ ଏଏଓ ରାଜଲକ୍ଷ୍ମୀ ସାହୁଙ୍କ ସହ ଫସଲ କ୍ଷୟକ୍ଷତିର ରିପୋର୍ଟ ଏବଂ ତଦନ୍ତ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ତୃଣମୂଳସ୍ତରକୁ ଯାଇ ବିଭାଗୀୟ କର୍ମଚାରୀମାନେ କ୍ଷତିଗ୍ରସ୍ତ ଚାଷୀଙ୍କ ତାଲିକା ପ୍ରସ୍ତୁତ ସହ ତଦନ୍ତ ସାରିବାକୁ ପରାମର୍ଶ ରଖିଥିଲେ। ସେସୁ କାର୍ଯ୍ୟାଳୟକୁ ଯାଇ ଯନ୍ତ୍ରୀ ଭବାନୀ ପ୍ରସାଦ ମହାନ୍ତିଙ୍କ ସହ ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ପଚାରି ବୁଝିବା ସହ ତୁରନ୍ତ ସ୍ୱାଭାବିକ କରିବାକୁ ପ୍ରଫେସର ଭୋଇ କହିଥିଲେ।

ପ୍ରଫେସର ଭୋଇ କୁହନ୍ତି, ବାତ୍ୟା ପରଦିନ ବିପନ୍ନ ପରିବାରଙ୍କ ପାଖରେ ପଲିଥିନ୍ ପହଞ୍ଚି ପାରିଲାନି। ଅନ୍ୟପକ୍ଷରେ ସର୍କଲରେ ବୁଲୁଥିବା ଆର୍‌ଆଇମାନେ ଘରକୁ ଘର ନ ବୁଲି ଶାସକ ଦଳର ଏଜେଣ୍ଟଙ୍କ ଦ୍ୱାରା ଘରଭଙ୍ଗା ତାଲିକା ପ୍ରସ୍ତୁତ କରୁଛନ୍ତି, ଯଦ୍ୱାରା କି ଅନେକ ଯୋଗ୍ୟ ବ୍ୟକ୍ତି ଏଥିରୁ ବାଦ୍ ପଡିବା ଆଶଙ୍କା ରହିଛି। ସେହିପରି ମୁଗ, ବିରି ଫସଲ ୮୦ ପ୍ରତିଶତ ଉଜୁଡିଯାଇଥିଲେ ସୁଦ୍ଧା ଆର୍‌ଆଇ ଭିଏଡବ୍ଲ୍ୟୁଙ୍କ ପକ୍ଷରୁ ଜଏଣ୍ଟ ଇନ୍‌କ୍ୱାରି ଆରମ୍ଭ କରାଯାଇନାହିଁ। ସରକାରଙ୍କ ଦ୍ୱାରା ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରଦାନ କରିବା ଅସମ୍ଭବ ହୋଇପଡିଛି। ଯଦିବା ରିପୋର୍ଟ ପ୍ରଦାନ କରାଯାଏ ତାହା ହେଲେ ଏଥିରେ ଟ୍ୟାମ୍ପରିଂ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିବାବେଳେ ପ୍ରଶାସନିକ ଅବହେଳାକୁ ଭାଜପା ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏ ସମ୍ପର୍କରେ ତହସିଲଦାର ଦେବାଶିଷ ପାତ୍ରଙ୍କୁ ପଚାରିବାରେ କମ୍ ସଂଖ୍ୟକ ଆର୍‌ଆଇଙ୍କୁ ଅଧିକ କାର୍ଯ୍ୟ ପ୍ରତିବନ୍ଧକ ସାଜୁଛି। ଗୁରୁବାରଠାରୁ ପଲିଥିନ୍ ବିପନ୍ନଙ୍କୁ ବଣ୍ଟା ହେଉଥିବା ପ୍ରକାଶ କରିଥିଲେ। ତେବେ ଜିଲାପାଳ ଅଧିକ କର୍ମଚାରୀଙ୍କୁ ତଦନ୍ତ କାର୍ଯ୍ୟରେ ନିୟୋଜିତ କରାଇଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ମତପ୍ରକାଶ ପାଇଛି। ଭାଜପା ପକ୍ଷରୁ ମଣ୍ଡଳ ସଭାପତି ଅଶୋକ ନାୟକ, ଜିଲା ପରିଷଦ ସଭ୍ୟ ଅଶୋକ ମହାରଣା, ଲୋକେନ୍ଦ୍ର ମିଶ୍ର, ସଂଯୋଜକ ଦିଲୀପ ସ୍ୱାଇଁ, ସଚ୍ଚିକାନ୍ତ ବାରିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଭାଜପା ନେତା ରମାକାନ୍ତ ଭୋଇ ଓ ଅନ୍ୟ କର୍ମକର୍ତ୍ତାମାନେ ତହସିଲଦାରଙ୍କୁ ଦାବି ଜଣାଉଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ମେ ୧୧/୨୦୧୯ Bhubaneswar, Saturday, May 11/2019

## ସଂକ୍ଷେପରେ

### ବୁଥ୍ ଜବରଦଖଲ ଘଟଣା ୧୯ରେ ପୁନଃ ମତଦାନ ନିର୍ଦ୍ଦେଶ

**ରତ୍ନଗିରି/ବରୀ,୧୦।୫ (ଡି.ଏନ.ଏ./ସ୍ୱ.ପ୍ର.):** ୪ର୍ଥ ପର୍ଯ୍ୟାୟ ନିର୍ବାଚନରେ ବରୀ ନିର୍ବାଚନମଣ୍ଡଳୀର ୫ଟି ବୁଥ୍ ଜରଦଖଲ ହୋଇଥିବା ନେଇ ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ନିମନ୍ତେ ଜିଲାପାଳ ରଞ୍ଜନ କୁମାର ଦାସ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସୁପାରିଶ କରିଥିଲେ। ଜବରଦଖଲ ହୋଇଥିବା ବୁଥ୍‌ରେ ୧୯ ତାରିଖରେ ପୁନଃମତଦାନ ହେବ ବୋଲି ଶୁକ୍ରବାର ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି। ଏ ନେଇ ରାଜନୈତିକ ତତ୍ପରତା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଏହି ନିର୍ବାଚନମଣ୍ଡଳୀର ଭଅଁରା ପଞ୍ଚାୟତର ବୁଥ ନଂ. ୮୨, ଅଲିପୁର ପଞ୍ଚାୟତର ବୁଥ ନଂ. ୧୫୮, ବୁଥ ନଂ.୧୬୨ ଓ ୧୬୩ ଏବଂ ବାଲିବିଲି ପଞ୍ଚାୟତ ଅଧୀନ ୧୯୪ ନଂ. ବୁଥରେ ପୁନଃମତଦାନ ହେବା ପାଇଁ ନିର୍ବାଚନ ଅଧିକାରୀଙ୍କ ତରଫରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଏହି ନିର୍ବାଚନମଣ୍ଡଳୀରେ ଶାସକ ଦଳ ଓ ଭାଜପା ମଧ୍ୟରେ କଡା ମୁକାବିଲା ହୋଇଥିବାରୁ ପୁନଃମତଦାନ ଉଭୟ ଦଳର ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଣ୍ଣୟରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ଶୁଣିବାକୁ ମିଳିଛି।

### କ୍ରଶର ମ୍ୟାନେଜରଙ୍କ ସନ୍ଦେହଜନକ ମୃତ୍ୟୁ

**ଜେନାପୁର,୧୦।୫(ଡି.ଏନ୍.ଏ.):** ଜେନାପୁର ଥାନା ଅନ୍ତର୍ଗତ ବାଘୁଆ ଛକ ନିକଟସ୍ଥ ଏକ କ୍ରଶର ଅଫିସରୁ ଶୁକ୍ରବାର ପୋଲିସ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ଜଣଙ୍କ ବଡ଼ଚଣା ଥାନା ଅଧୀନ ଖଟୁଆପଡା ଗ୍ରାମର ଚିତ୍ତରଞ୍ଜନ ସାହୁ (୩୦)। ସେ ଉକ୍ତ କ୍ରସରରେ ମ୍ୟାନେଜର ଭାବେ କାମ କରୁଥିଲେ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (୫/୧୯)ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ପଠାଇ ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶୁକ୍ରବାର କ୍ରଶର ଅଫିସ କାର୍ଯ୍ୟାଳୟରେ ଚିତ୍ତରଞ୍ଜନ ଆତ୍ମହତ୍ୟା କରିଥିବା ଗ୍ରାମବାସୀ କୌଣସି ସୂତ୍ରରୁ ଜାଣିବାକୁ ପାଇ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚିବା ପରେ ଆଜବେଷ୍ଟସ୍ ଲୁହାରଡରେ ଗାମୁଛା ବନ୍ଧା ହୋଇଥିବାବେଳେ ଚିତ୍ତରଞ୍ଜନ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ତେବେ ଯଦି ଚିତ୍ତରଞ୍ଜନ ଆତ୍ମହତ୍ୟା କରିଛନ୍ତି । ତେବେ ତାଙ୍କ ବେକରୁ ଗାମୁଛା କିଏ ଖୋଲିଲା ବୋଲି ପଚାରିବାରୁ କେହି କିଛି କହି ପାରି ନ ଥିଲେ। ଏ ନେଇ ସେନ୍ଦେହ ହେବାରୁ ମୃତ ଚିତ୍ତରଞ୍ଜନଙ୍କୁ କେହି ଯୋଜନା ବଦ୍ଧଭାବେ ହତ୍ୟା କରିଥିବା ନେଇ ଭାଇ ମାନସରଞ୍ଜନ ସାହୁ ଥାନାରେ ଅଭିଯୋଗ କରିଛନ୍ତି।

### ବାତ୍ୟା କ୍ଷୟକ୍ଷତି ଆକଳନ କରିବାକୁ ଯାଇ ହଟହଟା

# ମହିଳା ରାଜସ୍ୱ ନିରୀକ୍ଷକଙ୍କୁ ମାଡ଼

- କର୍ମଚାରୀଙ୍କୁ ଗଛରେ ବାନ୍ଧି ପିଟିଲେ ଗ୍ରାମବାସୀ
- ସୋସିଆଲ ମିଡ଼ିଆରେ ଭାଇରାଲ ହେଲା ଭିଡିଓ
- ଦୃଢ କାର୍ଯ୍ୟାନୁଷ୍ଠାନ ନ ହେଲେ ଆତ୍ମହତ୍ୟା ଧମକ
- କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ଜିଲାର ସମସ୍ତ ରାଜସ୍ୱ ନିରୀକ୍ଷକ

**ବିଞ୍ଝାରପୁର,୧୦।୫(ଡି.ଏନ୍.ଏ.)**

ବିଞ୍ଝାରପୁର ଥାନା ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତ ପାଇକସାହି ଗ୍ରାମରେ ବୁଧବାର ଅଭାବନୀୟ ଘଟଣା ଘଟିଛି । ଫନୀ ବାତ୍ୟା କ୍ଷୟକ୍ଷତି ଆକଳନ ତଦନ୍ତ କରିବାକୁ ଯାଇଥିବା ମହିଳା ରାଜସ୍ୱ ନୀରିକ୍ଷକ (ଆର୍‌ଆଇ) ଙ୍କୁ ଗ୍ରାମବାସୀ ନିସ୍ତୁକ ମାଡ଼ ମାରିଛନ୍ତି। ଏପରିକି ତାଙ୍କ ସହିତ ଯାଇଥିବା କର୍ମଚାରୀଙ୍କୁ ଗଛରେ ବାନ୍ଧି ମାଡ଼ ମାରିଥିଲେ। ଦୀର୍ଘ ୪ଘଣ୍ଟା ପରେ ସ୍ଥାନୀୟ ଗ୍ରାମର ଭଦ୍ରଲୋକଙ୍କ ହସ୍ତକ୍ଷେପ ପରେ ଆର୍‌ଆଇ ଅନୀତା ସାମଡ଼ା ଓ ତାଙ୍କ କର୍ମଚାରୀଙ୍କୁ ଗ୍ରାମବାସୀ


ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କୁ ଗଛରେ ବନ୍ଧାଯାଇଛି।

ଛାଡିଥିଲେ। ଏହି ଘଟଣା ସୋସିଆଲ ମିଡ଼ିଆରେ ଏବେ ଭାଇରାଲ ହେବାରେ ଲାଗିଛି। ଘଟଣା ସମ୍ପର୍କରେ ସମ୍ପୃକ୍ତ ଆର୍‌ଆଇ ବିଞ୍ଝାରପୁର ତହସିଲଦାର ମୀନତି ଜଗଦ୍ଦେବଙ୍କୁ ଜଣାଇବା ପରେ ଶୁକ୍ରବାର ସନ୍ଧ୍ୟାରେ ସେ ଗ୍ରାମବାସୀଙ୍କ ବିରୋଧରେ ବିଞ୍ଝାରପୁର ଥାନାରେ ଅଭିଯୋଗ କରିଥିବା ଜଣାପଡିଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଘଟଣାରେ ସମ୍ପୃକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆତ୍ମହତ୍ୟା କରିବେ ବୋଲି ଆର୍‌ଆଇ ସମାଡ କହିଛନ୍ତି। ସେହିପରି ଦୋଷୀଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଜିଲାର ସମସ୍ତ ଆର୍‌ଆଇ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବେ ବୋଲି ଧମକ ଦେଇଛନ୍ତି। ଅପରପକ୍ଷେ ତହସିଲଦାରଙ୍କ ପକ୍ଷରୁ ଅଭିଯୋଗ ମଳିଛି। ଏ ନେଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ମାମଲା ରୁଜୁ କରାଯାଇ ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ କରାଯିବ ବୋଲି ଥାନାଧିକାରୀ ଶିବଚରଣ ବେହେରା କହିଛନ୍ତି।

ଖବର ଅନୁଯାୟୀ ଫନୀ ବାତ୍ୟାର କ୍ଷୟକ୍ଷତି ଆକଳନ ପାଇଁ ପ୍ରୀତିପୁର ଆର୍‌ଆଇ ସମାଡ ଓ ତାଙ୍କ ଅଧୀନସ୍ଥ କର୍ମଚାରୀ ନିଧି ବେହେରା ବୁଧବାର ଉତ୍ତରକୂଳ ପଞ୍ଚାୟତର ପାଇକସାହି ଯାଇଥିଲେ। ଆର୍‌ଆଇ ଓ ତାଙ୍କ କର୍ମଚାରୀଙ୍କୁ ଦେଖି ଗ୍ରାମବାସୀ ହଠାତ୍ ଉତ୍ତ୍ୟକ୍ତ ହୋଇଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗତ ତିତିଲି ବାତ୍ୟାବେଳେ ଆର୍‌ଆଇ ଓ ତାଙ୍କ କର୍ମଚାରୀମାନେ ଆସି ତଦନ୍ତ କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସହାୟତା ମଳି ପାରି ନାହିଁ। ଏବେ ପୁଣିଥରେ ତଦନ୍ତ ନାମରେ ଟଙ୍କା ଖାଇବାକୁ ଆସିଥିବା ଗ୍ରାମବାସୀ ଆର୍‌ଆଇଙ୍କୁ କହିଥିଲେ। ଏଥିସହ ସ୍କୁଟି ଚାବି ଛଡାଇ ନେବା ସହ ତାଙ୍କୁ ଟଣା ଓଟରା କରିଥିଲେ। ଗ୍ରାମବାସୀଙ୍କ ଅଭିଯୋଗକୁ ଆର୍‌ଆଇ ସମାଡ ପ୍ରତିବାଦ କରିବାରୁ ସେଠାରେ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଦଲାଲଙ୍କ ଟାର୍ଗେଟରେ ଯୁକ୍ତ ୨ ପରୀକ୍ଷାର୍ଥୀ

- ନମ୍ବର ବଢ଼ାଇବା ଆଳରେ ଅର୍ଥ ଦାବି
- ଆତଙ୍କିତ ପରୀକ୍ଷାର୍ଥୀ, ଅଭିଭାବକ

**ରସୁଲପୁର,୧୦।୫(ଡି.ଏନ୍.ଏ.)**

ଫନୀ ବାତ୍ୟା ଦ୍ୱାରା ଉପକୂଳବର୍ତ୍ତୀ ଜିଲାଗୁଡ଼ିକ ବିଶେଷଭାବେ ପ୍ରଭାବିତ ହୋଇଛି। ଏଥିରୁ ଛାତ୍ରୀଛାତ୍ର ବି ବାଦ୍ ପଡ଼ି ନାହାନ୍ତି। ବାତ୍ୟା ବିଭ୍ରାଟ ସୁଯୋଗରୁ ଲାଭ ଉଠାଇବାକୁ ଏକ ରାକେଟ ସକ୍ରିୟ ହୋଇପଡିଛି। ଏହାର ପ୍ରଭାବ ରସୁଲପୁର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି। ରାକେଟରେ ସମ୍ପୃକ୍ତ ଦଲାଲମାନେ ବିଦ୍ୟାର୍ଥି ଓ ଅଭିଭାବକଙ୍କ ଚିନ୍ତା ବଢ଼ାଇ ଦେଇଛନ୍ତି। ସେମାନେ ନିଜକୁ ଉଚ୍ଚ ମାଧ୍ୟମିକ ପରିଷଦର କର୍ମଚାରୀ ବୋଲି ପରିଚୟ ଦେଇ ପରୀକ୍ଷା ଖାତାରେ ମାର୍କ ବଢାଇବା ଓ ଡିଭିଜନ୍ ଆଦି କରାଇଦେବା ଆଳରେ ଛାତ୍ରୀଛାତ୍ର ଓ ବିଦ୍ୟାର୍ଥୀଙ୍କଠାରୁ ମୋଟା ଅଙ୍କର ଅର୍ଥ ଦାବି କରୁଛନ୍ତି। ଏହି ରାକେଟର ନିଶାନାରେ ଯୁକ୍ତ୨ ବିଦ୍ୟାର୍ଥୀମାନେ ରହିଛନ୍ତି। ଅଜଣା ମୋବାଇଲ ନମ୍ବରରୁ ଅଭିଭାବକ ଓ ପିଲାମାନଙ୍କ ନିକଟକୁ କଲ୍ କରି ପରୀକ୍ଷାରେ ଖରାପ ହୋଇଛି ବୋଲି କୁହାଯାଉଛି। ଏବାବଦରେ ଜମାଖାତାରେ ଅର୍ଥ ଜମାକଲେ ସେମାନଙ୍କ ନମ୍ବର ବଢିବା ସହ ଡିଭିଜନ୍ ଭଲ ରହିବ ବୋଲି ପ୍ରଲୋଭନ ଦେଖାଯାଉଛି। ଏଭଳି ଫୋନକୁ ନେଇ ଉଭୟ ଅଭିଭାବକ ଓ ବିଦ୍ୟାର୍ଥୀମାନେ ପରୀକ୍ଷା ଫଳ ଓ ଭବିଷ୍ୟତକୁ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି।

ପ୍ରକାଶ ଯେ, ଯୁକ୍ତ ୨ ପରୀକ୍ଷା ଫଳ ପ୍ରକାଶନ ନେଇ ଅନୁଶ୍ଚିତା ଲାଗି ରହିଛି। ମେ ଦ୍ୱିତୀୟ ସପ୍ତାହରେ ଫଳ ପ୍ରକାଶ ପାଇବ ବୋଲି ପୂର୍ବରୁ ଆକଳନ କରାଯାଉଥିଲା। ତେବେ ଫନୀ ବାତ୍ୟା ପାଇଁ ଏହା ବିଳମ୍ବ ହେବାର ସମ୍ଭାବନା ଦେଖାଯାଇଛି। ବାତ୍ୟା ବିପର୍ଯ୍ୟୟ ଯୋଗୁ ଇ-ମୂଲ୍ୟାୟନ ଓ ଖାତାଦେଖା ସବୁ କିଛି ଏକ ପ୍ରକାର ଠପ୍ ହୋଇଯାଇଛି। ଫଳରେ ବିଦ୍ୟାର୍ଥୀ ଓ ଅଭିଭାବକମାନେ ଚିନ୍ତାରେ ଅଛନ୍ତି। ଏହି ବିଳମ୍ବରୁ ଫାଇଦା ନେବା ପାଇଁ ଦଲାଲମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ସହ ଭଲ ନମ୍ବର ହାସଲ କରିବା ପାଇଁ ବିଦ୍ୟାର୍ଥୀଙ୍କ ପାଇଁ ବିଭିନ୍ନ ପାକେଜ ବି ଘୋଷଣା କରାଯାଉଛି। ପାକେଜର ଅଧା ଅର୍ଥ ଆଗୁଆ ପୈଠ କରିବା ସହ ବାକି ଅଧା ଅର୍ଥକୁ ଫଳ ପ୍ରକାଶନ ପରେ ପ୍ରଦାନ କରିବାକୁ କୁହାଯାଉଥିବା କେତେକ ଛାତ୍ରୀଛାତ୍ର ଓ ଅଭିଭାବକ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଭିନ୍ନ କଲେଜର ଅଧ୍ୟାପିକାଅଧ୍ୟାପକଙ୍କ ସହ ଯୋଗାଯୋଗ କରିବାରୁ ସେମାନେ ଏଭଳି ରାକେଟଙ୍କ ସମ୍ପର୍କରେ ଶୁଣିବାକୁ ପାଉଛନ୍ତି। ତେବେ ସେମାନଙ୍କ ନିକଟକୁ କୌଣସି ଫୋନ କଲ ଆସି ନ ଥିବା ପ୍ରକାଶ କରିଛନ୍ତି।

### ଆଇଆଇଏମ୍‌ସିରେ ନାମଲେଖା ଆବେଦନ ୧୫କୁ ବୃଦ୍ଧି

**ଢେଙ୍କାନାଳ ଅଫିସ, ୧୦।୫**

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି)ରେ ୨୦୧୯-୨୦ ଶିକ୍ଷାବର୍ଷ ଲାଗି ସ୍ନାତକୋତ୍ତର ଡିପ୍ଲୋମା ବିଭାଗର ନାମଲେଖା ଆବେଦନ ତାରିଖ ମେ ୧୫କୁ ବୃଦ୍ଧି କରାଯାଇଛି। ଚଳିତ ୧୨ ତାରିଖ ନାମଲେଖା ଆବେଦନର ଶେଷଦିନ ରହିଥିଲା। ବାତ୍ୟା 'ଫନୀ'ରେ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଯୋଗାଯୋଗ ପ୍ରଭାବିତ ହୋଇଛି। ଏହି କାରଣରୁ ନାମଲେଖା ଆବେଦନକୁ ୧୫ ଯାଏ ବୃଦ୍ଧି କରାଯାଇଛି। ଇଂଲିଶ ଏବଂ ଓଡ଼ିଆ ସାମ୍ବାଦିକତା ପାଠ୍ୟକ୍ରମରେ ନାମ ଲେଖାଇବାକୁ ଇଚ୍ଛୁକ ଥିବା ଛାତ୍ରୀଛାତ୍ର ଏହି ସମୟରେ ଆଇଆଇଏମ୍‌ସି ୱେବସାଇଟରେ ଆବେଦନ କରିପାରିବେ ବୋଲି ସଂସ୍ଥାନ ପକ୍ଷରୁ ସୂଚନା ଦିଆଯାଇଛି।

### ଇମ୍ଫା ଭୂତଳ ଖଣିରେ ଶ୍ରମିକ ଆନ୍ଦୋଳନ

# ଦରମା କାଟକୁ ନେଇ ଶ୍ରମିକ-ପରିଚାଳକ ମୁହାଁମୁହିଁ


ଇମ୍ଫା ଭୂତଳ ଖଣିରେ କାର୍ଯ୍ୟରତ ଶ୍ରମିକମାନେ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି।

**କାଳିଆପାଣି, ୧୦।୫(ଡି.ଏନ୍.ଏ.)**

କାଳିଆପାଣି ଖଣି ଅଞ୍ଚଳ ଇମ୍ଫା ଭୂତଳ ଖଣିରେ ଶ୍ରମିକଙ୍କ ଦରମା କାଟକୁ ନେଇ ଗୁରୁବାର ଖଣି ପରିସରରେ ଉତ୍ତେଜନା ପ୍ରକାଶ ପାଇଛି। ଏହି ଘଟଣାରେ ଶ୍ରମିକଙ୍କ ମାଡ଼ରେ ଖଣି ପରିଚାଳକ ଆହାତ ହୋଇଥିଲେ। ଏ ନେଇ ଶୁକ୍ରବାର ଥାନାରେ ଉଭୟ ପକ୍ଷରୁ ଅଭିଯୋଗ ହୋଇଥିଲା। ଥାନାଧିକାରୀ ରମାକାନ୍ତ ମୁଦୁଲୀ ଆପୋଷ ସମାଧାନ କରିବାକୁ ପ୍ରୟାସ କରିଥିଲେ ମଧ୍ୟ କୌଣସି ସମାଧାନ ବାହାରି ନ ଥିଲା। ଶ୍ରମିକମାନେ କଟାଯାଇଥିବା ଦରମା ପ୍ରଦାନ ଦାବିରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ସନ୍ଧ୍ୟାରେ ଶ୍ରମିକ ସଂଗଠନ କର୍ମକର୍ତ୍ତା ଓ ଇମ୍ଫା ଖଣି କର୍ତ୍ତୃପକ୍ଷଙ୍କ ମଧ୍ୟରେ ବୈଠକ ହୋଇଥିଲେ ମଧ୍ୟ ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇ ନ ଥିବା ଜଣାପଡ଼ିଛି।

ଇମ୍ଫା କମ୍ପାନୀ ମହାଗିରୀ ଭୂତଳ ଖଣିରେ ମାହେଶ୍ୱରୀ ପ୍ରାଇଭେଟ ଲିମିଟେଡ ଠିକାରେ କ୍ରୋମାଇଟ ଉତ୍ତୋଳନ କାର୍ଯ୍ୟ କରୁଛି। ଗୁରୁବାର ଶ୍ରମିକଙ୍କୁ ମାସିକ ବେତନ ମିଳିଥିଲା। ନିୟମ ମୁତାବକ କୌଣସି ଶ୍ରମିକ ବା କର୍ମଚାରୀ ସୂଚନା ନ ଦେଇ ଅନୁପସ୍ଥିତ ରହିଲେ କମ୍ପାନୀରେ ଦରମା କଟାଯାଇଥାଏ। ହେଲେ ନିର୍ବାଚନ ସମୟରେ କାର୍ଯ୍ୟରେ ଅନୁପସ୍ଥିତ ରହିଥିବା ଦିନଗୁଡ଼ିକର ଦରମା କମ୍ପାନୀ କାଟିଦେଇଥିଲା। ଏହାକୁ ନେଇ ଗୁରୁବାର ଅପରାହ୍ନରେ ଶ୍ରମିକ ଖଣି ଗେଟ ବନ୍ଦ କରିଥିଲେ। ଏ ନେଇ ଅଧିକାରୀ ଓ ଶ୍ରମିକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ପରେ ଶ୍ରମିକମାନେ ଉତ୍କ୍ଷିପ୍ତ ହୋଇ ପରିଚାଳକ ଦିଲୀପ ବାନାର୍ଜୀ, କର୍ମଚାରୀ ସନ୍ତୋଷ ପଣ୍ଡା ଓ ରମା ବେହେରାଙ୍କୁ ମାଡ଼ ମାରିଥିଲେ। ପରିଚାଳକ ବାନାର୍ଜୀ କାଳିଆପାଣି ଥାନାରେ ସଞ୍ଜୟ କାରୁଆ ଓ ତାଙ୍କ ସହଯୋଗୀଙ୍କ ନାମରେ ଅଭିଯୋଗ କରିଥିଲେ। କାରଖାନା କର୍ତ୍ତୃପକ୍ଷ ଖଣି ଗେଟ୍ ସମ୍ମୁଖରେ ଶ୍ରମିକମାନେ କେବଳ ବିକ୍ଷୋଭ କରିଥିଲେ ବୋଲି କହିଛନ୍ତି। ଅପରପକ୍ଷେ ଶ୍ରମିକ ସଂଘ ବିନା ନିର୍ଦ୍ଦେଶରେ ଖଣି ଗେଟ ବନ୍ଦ କରାଯାଇଥିବା ଶାଖା କର୍ମଚାରୀ ପ୍ରକାଶ କରିଛନ୍ତି। ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ଦ୍ୱାରା ଶ୍ରମିକମାନେ ପରିଚାଳିତ ହେଉଥିବାବେଳେ ସଂଘ ସଭାପତି ନିର୍ବାଚନ ଲଢୁଥିବାରୁ ମନଇଚ୍ଛା ଶ୍ରମିକମାନେ କୌଣସି ସୂଚନା ନ ଦେଇ ମାସର ବିଭିନ୍ନ ଦିନରେ ଅନୁପସ୍ଥିତ ରହିଥିବା କମ୍ପାନୀ ପକ୍ଷରୁ ଜଣାଯାଇଛି। କିନ୍ତୁ ଶ୍ରମିକ ସଙ୍ଗଠନ ପରିଚାଳକଙ୍କୁ ନିର୍ବାଚନ ସମୟରେ ଶ୍ରମିକମାନେ ଅନୁପସ୍ଥିତ ରହୁଥିବା ଦିନଗୁଡ଼ିକର ସମ୍ପୂର୍ଣ୍ଣ ଦରମା ଦେବାକୁ ଜଣାଇଥିଲେ ବୋଲି ଶ୍ରମିକମାନେ ପ୍ରକାଶ କରିଛନ୍ତି।

### ଶାଶୁଘର ଲୋକଙ୍କ ମରଣାନ୍ତକ ଆକ୍ରମଣ ଅଭିଯୋଗ

# ଯୌତୁକ ଫେରାଇବାକୁ ଦାବିକଲେ ମହିଳା

**କୋରେଇ,୧୦।୫(ସ୍ୱ.ପ୍ର.)**

କୋରେଇ ଥାନା ତାହାରପୁର ପଞ୍ଚାୟତ ନିମାମୁଣ୍ଡୁଳୀ ଗ୍ରାମର ଜଣେ ମହିଳାଙ୍କୁ ଶାଶୁଘର ଲୋକେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଅଲଗା ରହୁଥିଲେ। ଗତ ୮ ତାରିଖରେ ସମ୍ପୃକ୍ତ ମହିଳା ଜଣେ ସାମାଜିକ କର୍ମୀ ଏବଂ ପୋଲିସ ସହ ଯୌତୁକ ଜିନିଷ ଫେରାଇ ଆଣିବା ପାଇଁ ଉକ୍ତ ଗ୍ରାମକୁ ଯାଇଥିଲେ। ହେଲେ ଗ୍ରାମର କେତେଜଣ ମହିଳା ତାଙ୍କୁ ଆକ୍ରମଣ କରିବା ସହ ସାମାଜିକ କର୍ମୀଙ୍କ ମୋବାଇଲ ଛଡ଼ାଇ ନେଇଥିବା ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି।

ସୁକିନ୍ଦା ଥାନା କେନ୍ଦୁଡ଼ିପି ଗ୍ରାମର ଗୋକୁଳ ନାୟକଙ୍କ ଝିଅ ମୋହିନୀ ୨୦୦୬ ଅଗଷ୍ଟ ୧୪ରେ ନିମାମୁଣ୍ଡୁଳୀ ଗ୍ରାମର ଲକ୍ଷ୍ମଣ ସାମଲଙ୍କ ପୁଅ କୁଶଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇ ପୁଅ ଅଛନ୍ତି। ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନାନ୍ତର ହେବାରୁ ମୋହିନୀ କୋରେଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ ଥାନାଧିକାରିଣୀ ଚିନ୍ମୟୀ ସାହୁ ଘଟଣାର ତଦନ୍ତ ପାଇଁ ଉଭୟଙ୍କୁ ଥାନାକୁ ଡାକିଥିଲେ। ମୋହିନୀ ଓ କୁଶ ଏକାଠି ରହିବେ ନାହିଁ ବୋଲି ଥାନାରେ ଜଣାଇଥିଲେ। ଏଥିସହ ଦୁଇ ପୁଅ ମଧ୍ୟରୁ ବଡପୁଅ ମା' ଓ ସାନପୁଅ ବାପାଙ୍କ ପାଖରେ ରହିବେ ବୋଲି ସ୍ଥିର ହୋଇଥିଲା। କୁଶ ପରେ ଆଉ ଜଣଙ୍କୁ ବିବାହ କରିଥିଲେ। ଗତ ୮ରେ ହଠାତ ମୋହିନୀ ଓ ତାଙ୍କ ସହଯୋଗୀ କୁଶଙ୍କ ଘରେ ପହଞ୍ଚି ଯୌତୁକ ଜିନିଷ ଓ ସାନପୁଅକୁ ସାଙ୍ଗରେ ନେବାକୁ ଜିଦ ଧରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ମୋହିନୀଙ୍କ ସହଯୋଗୀଙ୍କ ମୋବାଇଲ କିଏ ନେଇଯାଇଥିବା ଅଭିଯୋଗ କରିଥିଲେ। ଅପରପକ୍ଷରେ କୁଶଙ୍କ ଦ୍ୱିତୀୟ ସ୍ତ୍ରୀ କଲରୀ କୋରେଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସହଯୋଗୀ ଓ ମୋହିନୀ ତାଙ୍କୁ ଗୋଇଠା ବିଧା ମାରିବା ସହ ଜୀବନରୁ ମାରିଦେବାକୁ ଧମକ ଦେବାରୁ ଗ୍ରାମବାସୀ ଏହାକୁ ବିରୋଧ କରି ସେମାନଙ୍କୁ ବିଦା କରିଦେଇଥିଲେ। ପୋଲିସ ଉଭୟ ପକ୍ଷର ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।




### ରିଲିଫ, କଣ୍ଟ୍ରୋଲ ସାମଗ୍ରୀ ପ୍ରଦାନର ସ୍ୱଚ୍ଛତା ଉପରେ ଗୁରୁତ୍ୱାରୋପ

# ହିତାଧିକାରୀଙ୍କୁ ମିଳିବ ୨ମାସର ଚାଉଳ, କିରୋସିନ

**ରସୁଲପୁର,୧୦।୫(ଡିଏନଏ)**

ରସୁଲପୁର ବ୍ଲକ ଅଞ୍ଚଳର ବାତ୍ୟା ଫନୀ ଦ୍ୱାରା ପ୍ରଭାବିତ ଲୋକଙ୍କୁ ୩ଦିନ ପାଇଁ ରିଲିଫ ଚାଉଳ ପ୍ରଦାନ କରାଯାଉଛି। ଦିନେ ଦୁଇଦିନ ମଧ୍ୟରେ ରିଲଫ ଚାଉଳ ବଣ୍ଟନ କରାଯିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରିଲିଫ ବଣ୍ଟନରେ ରିଟେଲରଙ୍କୁ ସାମିଲ କରାଯାଇଛି। ଏଥିସହ ପଞ୍ଚାୟତ ପିଛା ଜଣେ ଲେଖାଏ ନୋଡାଲ ଅଧିକାରୀ ଓ ପ୍ରତ୍ୟେକ ଗାଁ ପାଇଁ ଜଣେ ଲେଖାଏ ଶିକ୍ଷକଙ୍କୁ ନିୟୋଜିତ କରାଯାଇଛି। ରିଲଫ ଏକ ଜରୁରୀକାଳୀନ ବ୍ୟବସ୍ଥା ହୋଇଥିବାରୁ ଏହି କାର୍ଯ୍ୟ ତ୍ୱରିତ ନ୍ୟାୟରେ ସମ୍ପନ୍ନ କରାଯାଇ ରିପୋର୍ଟ ପ୍ରଦାନ କରାଯିବା ଉପରେ ପ୍ରଶାସନ ଗୁରୁତ୍ୱାରୋପ କରିଛି। ଏଥିସହ ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଜରିଆରେ ହିତାଧିକାରୀଙ୍କୁ ୨ ମାସର ଚାଉଳ, କିରୋସିନ କୋଟା ପ୍ରଦାନ କରାଯିବ ବୋଲି ଯୋଗାଣ ଅଧିକାରୀ ଅନୁଜ କୁମାର ସାହୁ ସୂଚନା ପ୍ରଦାନ କରିଛନ୍ତି।

ସୂଚନା ଯେ, ବ୍ଲକର ୧୬୦ ଗାଁର ୧,୯୩,୬୨ଜଣ ଲୋକଙ୍କୁ ୫୨୭.୨୬ କୁଇଣ୍ଟାଲ ରିଲିଫ ଚାଉଳ ପ୍ରଦାନ କରାଯିବ। ଏଥି ସକାଶେ ଚାଉଳଗୁଡିକୁ ବଣ୍ଟନ କେନ୍ଦ୍ରକୁ ପଠାଇ ଦିଆଯାଇଛି। କେତେକ ସ୍ଥାନରେ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଯିବାର ସୂଚନା ମିଳିଛି। ରିଲିଫ ଚାଉଳ ଜଣେ ପ୍ରାପ୍ତ ବୟସ୍କ ପାଇଁ ଦିନକୁ ମୁଣ୍ଡ ପିଛା ୧କିଲୋ, ଶିଶୁଙ୍କ ପାଇଁ ଦିନକୁ ୫୦୦ଗ୍ରାମ ହିସାବରେ ଚାଉଳ ମାଗଣାରେ ପ୍ରଦାନ କରାଯାଉଛି। ବଣ୍ଟନ ପ୍ରକ୍ରିୟାରେ ରିଟେଲରମାନେ ନିୟୋଜିତ ହୋଇଛନ୍ତି। ଫଳରେ ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ବନ୍ଦ କରିଦିଆଯାଇଛି। ରିଲିଫ ଚାଉଳ ବଣ୍ଟନ ସରିବା ପରେ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟିଙ୍କୁ ମେ ଓ ଜୁନ୍ ମାସର ଚାଉଳ, ଗହମ, ଏପ୍ରିଲ ଓ ମେ ମାସର କିରୋସିନ ଆଦି ସମାଗ୍ରୀ ବଣ୍ଟନ କରାଯିବ। ଏହି ପ୍ରକ୍ରିୟାରେ ଉଭୟ ଜାତୀୟ, ରାଜ୍ୟ ଖାଦ୍ୟ ସୁରକ୍ଷା, ଅନ୍ତ୍ୟୋଦ୍ୱୟ ଅନ୍ନ ଯୋଜନା, ଅନ୍ନପୂର୍ଣ୍ଣା ଯୋଜନାରେ ୧.୩୦ଲକ୍ଷ ଲୋକଙ୍କୁ ପୂର୍ବ ଭଳି କଂଟ୍ରୋଲ ସାମଗ୍ରୀ ପ୍ରଦାନ କରାଯିବ। ରିଲିଫ ସହ ଏହାର କୌଣସି ସଂଯୋଗ ନାହିଁ। ମାତ୍ର କେତେକ ସ୍ଥାନରେ ରିଟେଲରମାନେ ଏହାକୁ ସୁଯୋଗ ବୋଲି ମନେ କରୁଛନ୍ତି। ଜନସାଧାରଣଙ୍କୁ ଅନ୍ଧାରରେ ରଖି ରିଲିଫ ଚାଉଳ ପ୍ରଦାନ କରିବା ସହ ଖାଦ୍ୟ ସୁରକ୍ଷା ବାବଦରେ ଆସିଥିବା ୨ମାସର ଚାଉଳ ବଦଳରେ ଗୋଟିଏ ମାସର ସାମଗ୍ରୀ ବାଣ୍ଟି ଆଉ ଏକ ମାସର କୋଟାକୁ ହଡପ କରିବା ମସୁଧା ଚଳାଇଥିବା ଶୁଣିବାକୁ ମିଳିଛି। ଏ ଦିଗରେ ସଫଳ ହେବା ସକାଶେ ସେମାନେ ନାନା ଫନ୍ଦି ଫିକର ଚଳାଇଛନ୍ତି। ଏନେଇ ସୂଚନା ମିଳିବା ପରେ ଯୋଗାଣ ଅଧିକାରୀ ସାହୁଙ୍କ ପକ୍ଷରୁ ସତର୍କତା ଅବଲମ୍ବନ କରାଯିବା ସହ ଆସନ୍ତା ୨୫ତାରିଖ ମଧ୍ୟରେ ସମସ୍ତ କୋଟା ବଣ୍ଟନ ଶେଷ କରି ରିପୋର୍ଟ ପ୍ରଦାନ କରିବାକୁ ରିଟେଲରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ବ୍ୟତିକ୍ରମ ହେଲେ ଅବା ବଣ୍ଟନରେ ଅନିୟମିତତା ହେଉଥିବା ଅଭିଯୋଗ ଆସିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସବୁ ହିତାଧିକାରୀ ନିର୍ଦ୍ଧାରିତ କୋଟାକୁ ଆସନ୍ତା ୨୫ତାରିଖ ସୁଦ୍ଧା ରିଟେଲର ପଏଣ୍ଟରୁ ସଂଗ୍ରହ କରିବାକୁ ନିବେଦନ କରିଛନ୍ତି। ଏ ଦିଗରେ କୌଣସି ଅସୁବିଧାର ସମ୍ମୁଖିନ ହେଲେ ସେମାନେ ତୁରନ୍ତ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଓ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗାଯୋଗ କରିବାକୁ ଅଧିକାରୀ ସାହୁ ସୂଚନା ପ୍ରଦାନ କରିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

